# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in

RNI No.ODIODI/2024/17847

୦୧ ବର୍ଷ Volume-01

ISSUE - 49 ସଂଖ୍ୟା-୪୯

ଭୁବନେଶ୍ୱର, ଶୁକ୍ରବାର ୭, ମାର୍ଚ୍ଚ ୨୦୨୫

Bhubaneswar, Friday, 7, March 2025

୦୮ ପୃଷ୍ଠା Pages-08

ମୂଲ୍ୟ : ୭.୦୦ ଟଙ୍କା Price : Rs.7.00

E-Mail : satyanews24.bbsr@gmail.com

Like, Follow & Subscribe Satya News24


## ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ

### ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ ଗୃହ

**ଭୁବନେଶ୍ୱର :** ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ଆସନ୍ତାକାଲି ଶୁକ୍ରବାର ମାର୍ଚ୍ଚ ୭ ତାରିଖଠାରୁ ଆରମ୍ଭ ହୋଇ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନ କାଳରେ ଖର୍ଚ୍ଚଦାବି ନେଇ ଆଲୋଚନା ସହିତ ବ୍ୟୟ ମଞ୍ଜୁରୀ ବିଧେୟକ ପାରିତ ହେବାର କାର୍ଯ୍ୟକ୍ରମ ରହିଛି । ମାର୍ଚ୍ଚ ୭ ତାରିଖରେ ବିଭିନ୍ନ ବିଭାଗୀୟ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୧୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଆଲୋଚନା ହେବ। ମାର୍ଚ୍ଚ ୩୦ ତାରିଖ ରବିବାର ଓ ୩୧ ତାରିଖ ଇଦୁଲ୍‌ଫିତର ପଡୁଥିବାରୁ ୨୯ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବ। ସପ୍ତଦଶ ବିଧାନସଭାର ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ୨୦୨୫ ଫେବ୍ରୁୟାରି ୧୩ରୁ ଫେବ୍ରୁୟାରି ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟରେ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଥିଲେ ।

## ଜଷ୍ଟିସ୍ ହରିଶ ଟଣ୍ଡନ ହାଇକୋର୍ଟ ମୁଖ୍ୟ ବିଚାରପତି

**କଟକ :** ଜଷ୍ଟିସ ହରିଶ ଟଣ୍ଡନ ହେବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି । ଜଷ୍ଟିସ ଟଣ୍ଡନଙ୍କୁ ନିଯୁକ୍ତି ନେଇ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ସୁପାରିସ୍ ମିଳିଛି । ଜଷ୍ଟିସ ହରିଶ ଟଣ୍ଡନ ଏବେ କଲିକତା



ହାଇକୋର୍ଟର ବିଚାରପତି ଅଛନ୍ତି । ସେ ୨୦୧୦ରୁ ଏପ୍ରିଲ୍ ୧୩ରୁ କଲିକତା ହାଇକୋର୍ଟରେ ବିଚାରପତି ଭାବେ ଦାୟିତ୍ୱ ତୁଲାଉଛନ୍ତି । ସୂଚନା ଅନୁସାରେ ୧୯ ଜାନୁଆରୀ ୨୦୨୫ରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଅବସର ନେଇଥିଲେ । ଜଷ୍ଟିସ ସିଂଙ୍କ ଅବସର ପରେ ଏହି ସ୍ଥାୟୀ ପଦବୀ ଖାଲି ପଡ଼ିଥିଲା । ଆଉ ଆଜି ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ଜଷ୍ଟିସ ହରିଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ସୁପାରିଶ ମିଳିଛି ।

## ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷ ବିଦା

**ଭୁବନେଶ୍ୱର :** ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷ ହେଲେ ଦାୟିତ୍ୱମୁକ୍ତ। ଗୁରୁବାର ମନ୍ଦାକିନୀ କରଙ୍କୁ ଅଧକ୍ଷ ପଦରୁ ବହିଷ୍କାର କରାଯାଇଛି। ଏଥିସହିତ ଆୟୋଗର ୫ ସଦସ୍ୟ ମଧ୍ୟ ବହିଷ୍କୃତ ହୋଇଛନ୍ତି। ନଭେମ୍ବରରେ ରାଜ୍ୟ ସରକାର କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଆଧାରରେ କାରଣ ଦର୍ଶାଅ ହୋଇଥିଲା। ଏହା ବିରୋଧରେ ଅଧକ୍ଷା ଓ ସଦସ୍ୟ ହାଇକୋର୍ଟ ଯାଇଥିଲେ। ହାଇକୋର୍ଟ ଆବେଦନ ଖାରଜ କରିବା ପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

## ମାର୍ଚ୍ଚ ୮-୯ରେ ହେବାକୁ ଥିବା ଓଡ଼ିଶା ପୋଲିସ ପରୀକ୍ଷା ସ୍ଥଗିତ



**ଭୁବନେଶ୍ୱର :** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଗ୍ରୁପ୍ 'ବି'ପଦବୀ ପାଇଁ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖିଛି ।ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଗ୍ରୁପ୍ 'ବି'ପଦବୀ ପାଇଁ ଆଗାମୀ ପରୀକ୍ଷାକୁ ସ୍ଥଗିତ ରଖିଛି, ଯାହା ପ୍ରଥମେ ମାର୍ଚ୍ଚ ୮ ଏବଂ ୯ ରେ ହେବାକୁ ଥିଲା। ଓପିଆରବି କହିଛି ଯେ, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପରୀକ୍ଷା ସ୍ଥଗିତ ରଖାଯାଇଛି। ଦୁଇ ଦିନରେ ୪ ଭିନ୍ନ ଭିନ୍ନ ନିଯୁକ୍ତି ପରୀକ୍ଷାକୁ ନେଇ ଓଡ଼ିଶାରେ ଆଶାୟୀମାନଙ୍କ ମଧ୍ୟରେ ହତାଶ ବୃଦ୍ଧି ପାଇଥିଲା। କାରଣ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ପରୀକ୍ଷା ମାର୍ଚ୍ଚ ୮ ଏବଂ ମାର୍ଚ୍ଚ ୯ ଦୁଇଦିନରେ ପଡୁଛି। କାର୍ଯ୍ୟସୂଚୀ ବିଶୃଙ୍ଖଳାର ପ୍ରତିବାଦରେ ଷ୍ଟୁଡେଣ୍ଟସ୍ ଏଗେନ୍‌ଷ୍ଟ୍ କରପସନ୍ (ଏସଏସି) ସଂଗଠନ ଏନେଇ ରାସ୍ତାକୁ ଓହ୍ଲାଇଥିଲେ। ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା, ଏସବିଆଇ ପିଓ ପ୍ରିଲିମ୍ସ ଏବଂ ଓଡ଼ିଶା ପୁଲିସ ଏସଆଇ ପ୍ରିଲିମ୍ସ, ୮ ମାର୍ଚ୍ଚ ୨୦୨୫ରେ ହେବାକୁ ସ୍ଥିର କରାଯାଇଥିଲା। ଏହା ସହିତ, ଓପିଏସସି ସହକାରୀ କୃଷି ଅଧିକାରୀ (ଏଏଓ) ପରୀକ୍ଷା ଏବଂ ରେଳ ସୁରକ୍ଷା ବଳ (ଆରପିଏଫ) କନଷ୍ଟେବଲ ପରୀକ୍ଷା ଉଭୟ ୯ ମାର୍ଚ୍ଚ ୨୦୨୫ରେ ହେବାକୁ ସ୍ଥିର କରାଯାଇଥିଲା।

## ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିଲା ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା

# ୮ ରେ ଗୋଟିଏ ପର୍ଯ୍ୟାୟରେ ସମସ୍ତଙ୍କୁ ମିଳିବ ଦ୍ୱିତୀୟ କିସ୍ତି

- ଅଙ୍ଗନୱାଡି କର୍ମୀଙ୍କ ପାଇଁ ବଡ଼ ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ
- ପ୍ରତ୍ୟେକଙ୍କୁ ମିଳିବ ୧୫୦୦ଟଙ୍କା



**ଭୁବନେଶ୍ୱର :** ପୂର୍ବ ଘୋଷଣା ମୁତାବକ ଆଜି ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିଛି । ଏହାସହିତ ଆଜି ସୁଭଦ୍ରା ହିତାଧିକାରୀଙ୍କ ସଂଖ୍ୟା କୋଟିଏ ଛୁଇଁଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଘୋଷଣା କରିଛନ୍ତି ଯେ ଆଜି ୨ ଲକ୍ଷ ୩୦ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଟଙ୍କା ମିଳିଛି । ୮ ତାରିଖରେ ଗୋଟିଏ ପର୍ଯ୍ୟାୟରେ ସମସ୍ତଙ୍କୁ ମିଳିବ ସୁଭଦ୍ରାର ୨ୟ କିସ୍ତି । ଗୋଟିଏ ଦିନରେ ୫ ହଜାର କୋଟି ରାଜ୍ୟ ସରକାର ହିତାଧିକାରୀଙ୍କୁ ପ୍ରଦାନ କରିବେ । ବ୍ରହ୍ମପୁରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୨ୟ କିସ୍ତି ଟଙ୍କା ପ୍ରଦାନ କରାଯିବ । ଏହା ସହ ସୁଭଦ୍ରା ଯୋଜନାକୁ ସଫଳତାର ସହ ସମ୍ପନ୍ନ କରିଥିବାରୁ ଉପମୁଖ୍ୟମନ୍ତ୍ରୀ ଆଜି ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଘୋଷଣା କରିଛନ୍ତି ।ଏହି ଘୋଷଣା ମୁତାବକ ଅଙ୍ଗନବାଡି କର୍ମୀଙ୍କୁ ୧୫୦୦ ଟଙ୍କା ଓ ସହାୟିକାଙ୍କୁ ୫୦୦ ଟଙ୍କାର ସହାୟତା ମିଳିବ । ସେହିପରି ପ୍ରଭାତୀ ଓଡ଼ିଶାବାସୀଙ୍କୁ ଅନୁରୋଧ କରିଛନ୍ତି ଯେ ଆସନ୍ତା ୭ ତାରିଖରେ ଦେବୀ ସୁଭଦ୍ରାଙ୍କ ଉଦ୍ଦେଶ୍ୟରେ ଦୀପ ଜାଳନ୍ତୁ । ଅଙ୍ଗନୱାଡି କର୍ମୀଙ୍କ ପାଇଁ ବଡ଼ ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ସୁଭଦ୍ରା ଯୋଜନାକୁ ଘରେ ଘରେ ପହଞ୍ଚାଇଥିବାରୁ ମିଳିବ ବଡ଼ ପୁରସ୍କାର ରାଶି। ଗୁରୁବାର ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିଛି। ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷଣା କରିଛନ୍ତି। ଆଜି ୨ ଲକ୍ଷ ୩୦ ହଜାରରୁ ଉଦ୍ଧର୍ବ ମହିଳାଙ୍କୁ ଉକ୍ତ ଟଙ୍କା ଆସିଛି। ଏଥିସହିତ ୮ ତାରିଖରେ ଗୋଟିଏ ପର୍ଯ୍ୟାୟରେ ସମସ୍ତଙ୍କୁ ମିଳିବ ସୁଭଦ୍ରାର ଦ୍ୱିତୀୟ କିସ୍ତି ଟଙ୍କା ଆସିବ। ଗୋଟିଏ ଦିନରେ ୫ ହଜାର କୋଟି ଟଙ୍କା ସରକାର ପ୍ରଦାନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ବ୍ରହ୍ମପୁରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୨ୟ କିସ୍ତି ଟଙ୍କା ପ୍ରଦାନ କରାଯିବ। ତେବେ ବଡ଼ ଘୋଷଣା କରି ପ୍ରଭାତୀ କହିଛନ୍ତି, ପ୍ରତି ଇଭଶବଭଙ୍ଗବୟସ କର୍ମୀଙ୍କୁ ୧୫ଶହ ଓ ସହାୟକଙ୍କୁ ୫ଶହ ଟଙ୍କା ମିଳିବ। ସେହିପରି ସଶକ୍ତ ଓଡ଼ିଶା ପାଇଁ ବହୁ ଲକ୍ଷପତି ଦିଦି ସୃଷ୍ଟି କରିବୁ। ପ୍ରତି ଗାଁରେ ୫ଜଣ ଲେଖାଏଁ ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ ରହିଥିବା ପ୍ରଭାତୀ କହିଛନ୍ତି।

# ସରିଲା ମାଟ୍ରିକ ପରୀକ୍ଷା, ମେ'ରେ ରେଜଲ୍ଟ ପ୍ରକାଶ

- ପରୀକ୍ଷାଗୁଡ଼ିକ ସଫଳତାର ସହ ଶେଷ ହୋଇଛି
- ଚଳିତବର୍ଷ ୱାଟର ମାର୍କ ଓ କ୍ୟୁଆରକୋଡ୍ ସଫଳ ହୋଇଛି
- ବିଜ୍ଞାନ ପ୍ରଶ୍ନପତ୍ରରେ କମ୍ପ୍ୟୁଟର ଭାଇରସ୍ କାରଣରୁ ଭୁଲ୍ ହୋଇଥିଲା: ବୋର୍ଡ଼



**କଟକ :** ରାଜ୍ୟରେ ଚାଲିଥିବା ୨୦୨୫ ମାଟ୍ରିକ ପରୀକ୍ଷା ଗୁରୁବାର ଶେଷ ହୋଇଛି। ଛାତ୍ରୀଛାତ୍ର ଆଜି ଶେଷଦିନରେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବିଷୟରେ ପରୀକ୍ଷା ଦେଇଥିଲେ। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ସାଢ଼େ ୧୧ଟା ସମୟରେ ଶେଷ ହୋଇଥିଲା। ତେବେ ଚଳିତମାସ ୧୯ ତାରିଖରେ ମାଟ୍ରିକ ଖାତାଦେଖା ଆରମ୍ଭ ହେବାକୁ ଥିବାବେଳେ ଆସନ୍ତା ମେ'ପ୍ରଥମ ସପ୍ତାହରେ ରେଜଲ୍ଟ ପ୍ରକାଶ ପାଇବ। ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ଚଳିତବର୍ଷ ୱାଟର ମାର୍କ ଓ କ୍ୟୁଆରକୋଡ୍ ସଫଳ ହୋଇଛି। ନୂଆ ଜ୍ଞାନ କୌଶଳ ପ୍ରୟୋଗ କାମ ଦେଇଛି ବୋଲି କହିଛନ୍ତି ବୋର୍ଡ ସଭାପତି। ପ୍ରଶ୍ନପତ୍ରରେ ୱାଟର ମାର୍କ ଓ କ୍ୟୁଆର କୋଡରୁ ସୁଫଳ ମିଳିଛି। ଏଥର ପ୍ରଶ୍ନପତ୍ର ଭାଇରାଲ ହୋଇନି, ସମସ୍ତେ ସହଯୋଗ କରିଛନ୍ତି। ବିଶେଷକରି ଇଓ କ୍ୟାମେରା ଦ୍ୱାରା ପରୀକ୍ଷାରେ ଅନିୟମିତତା ଧରାପଡ଼ିଗଲା। ମୋଟାମୋଟି ଭାବେ ଚଳିତଥର ମାଟ୍ରିକ ପରୀକ୍ଷା ସଫଳ ହୋଇଛି।

ସୂଚନାଯୋଗ୍ୟ, ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫେବୃଆରୀ ୨୧ରେ ଆରମ୍ଭ ହୋଇଥିଲା। ପରୀକ୍ଷାକୁ ଭଲ ଭାବେ ପରିଚାଳନା କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା କରଯାଇଥିଲା। ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଥିଲା। ସବୁ କେନ୍ଦ୍ର ଉପରେ ନଜର ରଖିବାକୁ ବୋର୍ଡ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା ହୋଇଥିଲା।ଚଳିତବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଓଡ଼ିଶାରେ ମୋଟ୍ ୫ ଲକ୍ଷ ୨୨ ହଜାର ୩୩୬ ଜଣ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ। ପରୀକ୍ଷାକୁ ସୂଚାରୁ ରୂପେ ଚଳାଇବା ପାଇଁ ମୋଟ୍ ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ର ହୋଇଥିଲା। ପ୍ରଶ୍ନପତ୍ର ରଖିବା ପାଇଁ ବୋର୍ଡ ପକ୍ଷରୁ ୩୧୪ଟି ନୋଡାଲ ସେଣ୍ଟର କରାଯାଇଥିଲା। ମାଧ୍ୟମିକ ଶିକ୍ଷା ବୋର୍ଡ (ବିଏସଇ) ଓଡ଼ିଶା ଗୁରୁବାର ନିଶ୍ଚିତ କରିଛି ଯେ, ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାର ବିଜ୍ଞାନ ପ୍ରଶ୍ନପତ୍ରରେ କମ୍ପ୍ୟୁଟର ଭାଇରସ୍ କାରଣରୁ ଭୁଲ୍ ହୋଇଥିଲା, ଯାହା ଫଳରେ ଚାରି ମାର୍କକୁ ନେଇ ସମସ୍ୟା ଦେଖାଦେଇଥିଲା। କମ୍ପ୍ୟୁଟର ଭାଇରସ ଯୋଗୁ ଏହି ଭୁଲ ଘଟିଥିବା ବୋର୍ଡର ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ପରୀକ୍ଷାଗୁଡ଼ିକ ସଫଳତାର ସହ ସମାପ୍ତ ହୋଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପରୀକ୍ଷା ପ୍ରକ୍ରିୟାକୁ ସୁରକ୍ଷିତ ରଖିବା ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ପଦକ୍ଷେପ ଗ୍ରହଣ କରାଯାଇଥିଲା ।ବୋର୍ଡର ସଭାପତି ତରାଇ ସୂଚନା ଦେଇଛନ୍ତି ଯେ, ବେଆଇନ ବଣ୍ଟନ ବିରୋଧରେ ପ୍ରତିରୋଧକ ଭାବରେ ପ୍ରଶ୍ନପତ୍ରରେ ୱାଟରମାର୍କ ଏବଂ କ୍ୟୁଆର୍ କୋଡ୍ ଅନ୍ତର୍ଭୁକ୍ତ କରାଯାଇଥିଲା। ଫଳସ୍ୱରୂପ, ପ୍ରଶ୍ନପତ୍ରଗୁଡ଼ିକ ଅନଲାଇନରେ ଲିକ୍ ହୋଇ ନଥିଲା ବୋର୍ଡ କର୍ତ୍ତୃପକ୍ଷ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଯୁକ୍ତିବିଦ୍ୟା ଆଧାରରେ ପରୀକ୍ଷା ସମୟରେ ଅନିୟମିତତା ଉପରେ ନଜର ରଖିବା ପାଇଁ ଏଆଇ କ୍ୟାମେରା ନିୟୋଜିତ କରିଥିଲେ ।ବୋର୍ଡ ମାର୍ଚ୍ଚ ୧୯ରେ ଉତ୍ତର ପତ୍ରର ମୂଲ୍ୟାଙ୍କନ ଆରମ୍ଭ କରିବାକୁ ଯୋଜନା କରିଛି। ପରୀକ୍ଷା ଫଳାଫଳ ମେ' ମାସର ପ୍ରଥମ ସପ୍ତାହରେ ପ୍ରକାଶ ପାଇବାର ଆଶା କରାଯାଉଛି ।ବୋର୍ଡର ସଭାପତି ତରାଇ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ଭବିଷ୍ୟତରେ ପରୀକ୍ଷାରେ ଏପରି ଘଟଣା ରୋକିବା ପାଇଁ ପଦକ୍ଷେପ ନିଆଯିବ, ଯାହା ପରୀକ୍ଷାର ଅଖଣ୍ଡତା ବଜାୟ ରଖିବା ପାଇଁ ବୋର୍ଡର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ।ଚଳିତ ମାସର ୧୯ ତାରିଖରୁ, ଆମେ ଉତ୍ତର ଖାତାର ମୂଲ୍ୟାୟନ ଆରମ୍ଭ କରିବୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅନ୍ୟାନ୍ୟ ଅନିବାର୍ଯ୍ୟ ପରିସ୍ଥିତି ଯୋଗୁ ବିଳମ୍ବ ନହେଲେ ମେ' ପ୍ରଥମ ସପ୍ତାହ ସୁଦ୍ଧା ଫଳାଫଳ ପ୍ରକାଶ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି।

## କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା

# କିଟ୍‌ରେ ଏନଏଚଆରସିଙ୍କ ତଦନ୍ତ ଆରମ୍ଭ



**ଭୁବନେଶ୍ୱର :** କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରଛାତ୍ରୀଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର ଘଟଣାରେ ଓଡ଼ିଶା ନିନ୍ଦିତ ହେଲା । ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟ କ୍ଷମା ମାଗିଲା । ତଥାପି ଓଡ଼ିଶାକୁ ନିନ୍ଦିତ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ବିରୁଦ୍ଧରେ ସାମାନ୍ୟତମ ରାଜ୍ୟ ପୁଲିସ କିମ୍ବା ରାଜ୍ୟ ସରକାର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେବାରେ ସକ୍ଷମ ହେଲେନି । ସରକାରଙ୍କ ଉଚ୍ଚସ୍ତରୀୟ ଯାଂଚ କମିଟି ଓ କମିଶନରେଟ ପୁଲିସ ଉଭୟ ତଦନ୍ତ ଆଳରେ କେବଳ ଦିନ ଗଡ଼ାଇ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କଲେ । ମାତ୍ର ଜାତୀୟ ମାନବାଧିକାର ଆୟୋଗ(ଏନଏଚଆରସି) ଏହି ମାମଲାରେ କଠୋର ଆଭିମୁଖ୍ୟ ପୋଷଣ କରି ଘଟଣାର ସରଜମିନ୍ ତଦନ୍ତ ନିର୍ଦ୍ଦେଶ ଦେଲେ । ଗୁରୁବାରଠୁ ଆୟୋଗଙ୍କ ଲ' ରେଜିଷ୍ଟ୍ରାର ଯୋଗିନ୍ଦର ସିଂଙ୍କ ନେତୃତ୍ୱରେ ଏକ ଟିମ୍ କିଟ୍ ପରିସରରେ ତଦନ୍ତ ଆରମ୍ଭ କରିଛନ୍ତି । ନେପାଳୀ ଛାତ୍ରୀ ମୃତ୍ୟୁ, ନେପାଳୀ ଛାତ୍ରଛାତ୍ରୀଙ୍କୁ ବଳପୂର୍ବକ ବିଦା, କିସ୍ ବିଶ୍ୱବିଦ୍ୟାଳୟରେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ନିର୍ଯାତନା ଆଦି ସମସ୍ତ ଘଟଣାରେ ଟିମ୍ ତଦନ୍ତ କରିବେ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ କିଟ୍ ବିଶ୍ୱବିଦ୍ୟାଳୟର ନେପାଳୀ ଛାତ୍ରଛାତ୍ରୀମାନେ ନିଜର ପରୀକ୍ଷା ପାଇଁ କ୍ୟାମ୍ପସକୁ ଫେରିବାକୁ ବାଧ ହୋଇଥିବାବେଳେ ଏବେ ସେମାନଙ୍କର ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ନେପାଳୀ ଦୂତାବାସ ନିୟମିତ ଭାବେ ଉଭୟ ନେପାଳୀ ଛାତ୍ରଛାତ୍ରୀ ଓ କିଟ୍ ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କଠୁ ରିପୋର୍ଟ ସଂଗ୍ରହ କରୁଥିବା ଜଣାପଡ଼ିଛି ।

## ଲଣ୍ଡନରେ ଜୟଶଙ୍କରଙ୍କ କାର ଆଗରେ ଖଲିସ୍ତାନବାଦୀଙ୍କ ପ୍ରତିବାଦ

**ନୂଆଦିଲ୍ଲୀ :** ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ବ୍ରିଟେନ ଗସ୍ତ ବେଳେ ସୁରକ୍ଷାରେ ତ୍ରୁଟିକୁ ଭାରତ ଦୃଢ଼ ନିନ୍ଦା କରିଛି। ବୁଧବାର ଲଣ୍ଡନର ଚାଥାମ ହାଉସ୍‌ରେ ଜୟଶଙ୍କର ଆଲୋଚନାରେ ଯୋଗଦେଇଥିବାବେଳେ ବାହାରେ ଗୋଟିଏ ଗୋଷ୍ଠୀ ଖଲିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇ ବିକ୍ଷୋଭ କରିବା ସହ ଜୟଶଙ୍କରଙ୍କ ସୁରକ୍ଷା ବଳୟ ଅତିକ୍ରମ କରିବାକୁ ଉଦ୍ୟମ କରିଥିଲେ। ବିଚ୍ଛିନ୍ନତାବାଦୀ ଏବଂ ଉଗ୍ରପନ୍ଥୀ ସଂଗଠନର କାର୍ଯ୍ୟକୁ ନୂଆଦିଲ୍ଲୀ ନିନ୍ଦା କରିଛି। ଉଗ୍ରପନ୍ଥୀମାନଙ୍କ ଦ୍ୱାରା ଗଣତାନ୍ତ୍ରିକ ସ୍ୱାଧୀନତାର ଦୁରୁପଯୋଗକୁ ଆମେ ନିନ୍ଦା କରୁଛୁ। ଏଭଳି ମାମଲାରେ ଆୟୋଜକ ସରକାର ସେମାନଙ୍କ କୂଟନୈତିକ ଦାୟିତ୍ୱ ସମ୍ପୂର୍ଣ୍ଣ ନିର୍ବାହ କରିବା ଆମେ ଆଶା କରୁଛୁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବିକ୍ଷୋଭ ସତ୍ତ୍ୱେ ଜୟଶଙ୍କର ଆଲୋଚନା ଜାରି ରଖିବା ସହ ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟର୍ମର, ବହିର୍ବ୍ୟାପାର ମନ୍ତ୍ରୀ ଡାଭିଡ୍ ଲାମ୍ମି ଓ ବରିଷ୍ଠ ନେତାମାନଙ୍କ ସହ ବୈଠକ କରିଥିଲେ। ଲଣ୍ଡନରେ ଖଲିସ୍ଥାନୀ ସପକ୍ଷବାଦୀମାନେ ଜୟଶଙ୍କରଙ୍କ କନ୍‌ଭୟ ନିକଟକୁ ମାଡ଼ିଆସିବା ଘଟଣାକୁ ବ୍ରିଟେନ୍ ଗୁରୁବାର ଦୃଢ଼ ନିନ୍ଦା କରିଛି। ସରକାରୀ କାର୍ଯ୍ୟକ୍ରମକୁ ଧମକ ଦେବା ଓ ବାଧା ସୃଷ୍ଟି କରିବା ଉଦ୍ୟମ ଆଦୌ ଗ୍ରହଣୀୟ ନୁହେଁ ବୋଲି ବ୍ରିଟେନ୍ କହିଛି।

## ପାକିସ୍ତାନରୁ ମିଳିଲା ୮୦ହଜାର କୋଟି ଟଙ୍କାର ସୁନା ଖଣି



**ଇସଲାମବାଦ :** କାଙ୍ଗାଳରୁ ଧନୀ ହୋଇଯିବ ପାକିସ୍ତାନ। ଭୟଙ୍କର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନକୁ ମିଳି ଯାଇଛି ସୁନାର ଭଣ୍ଡାର। ସିନ୍ଧୁ ନଦୀରେ ବିରାଟ ସୁନାର ଭଣ୍ଡାର ଥିବା ନେଇ ଖବର ଏବେ ସାମ୍ନାକୁ ଆସିଛି। ଏହି ଭଣ୍ଡାର ପାଖାପାଖି ୮୦,୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ରିପୋର୍ଟ ଅନୁସାରେ ଏହି ସୁନା ଭଣ୍ଡାର ପଞ୍ଜାବର ଅଟକ ଜିଲାରେ ମିଳିଛି। ପାକିସ୍ତାନ ସରକାରଙ୍କ ଦ୍ୱାରା କରାଯାଉଥିବା ଏକ ସର୍ଭେରେ ସେଠାରେ ସୁନାର ଭଣ୍ଡାର ଥିବା ନେଇ ଜଣାପଡ଼ିଛି। ଅର୍ଥନୈତିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ଏହି ଆବିଷ୍କାରକୁ ଅର୍ଥନୀତି ପାଇଁ ଏକ ଲାଇଫ ଲାଇନ ଭାବେ ବିଚାର କରୁଛି। ବର୍ତ୍ତମାନ ଏହି ସୁନାକୁ ବାହାର କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଉଛି, ଯାହା ଦେଶକୁ ଆର୍ଥିକ ଶକ୍ତି ଯୋଗାଇପାରେ। ଏହି ସୁନା ଭଣ୍ଡାରର ଖନନ ପ୍ରକ୍ରିୟା, ପାକିସ୍ତାନର ସରକାରୀ ଇଞ୍ଜିନିୟରିଂ ସେବା କମ୍ପାନୀ, ନ୍ୟାଶନାଲ ଇଞ୍ଜିନିୟରିଂ ସର୍ଭିସ ପାକିସ୍ଥାନ (ନେସପାକ) ଏବଂ ପଞ୍ଜାବର ମାଇନ୍ସ ଏବଂ ମିନେରାଲ୍ସ ବିଭାଗ ଦ୍ୱାରା ପରିଚାଳିତ ହେବ। ଏହି ଆବିଷ୍କାର ପାକିସ୍ତାନର ଖଣି ଶିଳ୍ପ ପାଇଁ ଏକ ପ୍ରମୁଖ ମାଇଲଖୁଣ୍ଟ ବୋଲି କୁହାଯାଉଛି ।ଭୂବିଜ୍ଞାନୀମାନେ କହିଛନ୍ତି ଯେ ଏହି ସୁନା ହିମାଳୟରୁ ସିନ୍ଧୁ ନଦୀ ଦେଇ ପ୍ରବାହିତ ହୋଇ ପାକିସ୍ତାନ ଅଞ୍ଚଳରେ ଜମା ହୋଇଛି। ବିଭାଜନ ପୂର୍ବରୁ ଏହି ଅଂଶ ଭାରତର ଥିଲା, କିନ୍ତୁ ବର୍ତ୍ତମାନ ଏହା ପାକିସ୍ତାନର ଏକ ଅଂଶ । ନଦୀରେ ସୁନାର ଛୋଟ ଖଣ୍ଡ କିମ୍ବା ନାଗେଟ ଆକାରରେ ମିଳିଥାଏ । ଲଗାତାର ପ୍ରବାହ ଫଳରେ ଏହି ସୁନା ଖଣ୍ଡଗୁଡ଼ିକ ଗୋଲ ହୋଇଯାଇ ଗୋଟିଏ ସ୍ଥାନରେ ଜମା ହୋଇଯାଇଛି । ଡିସେମ୍ବର ୨୦୨୪ ସୁଦ୍ଧା ପାକିସ୍ତାନର ସୁନା ଭଣ୍ଡାରର ମୂଲ୍ୟ ୫.୪୩ ବିଲିୟନ ଡଲାର ରହିଥିଲା। କିନ୍ତୁ ବର୍ତ୍ତମାନ ଦେଶ ଏକ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ହୁଏତ ଏବେ ଏହି ସୁନା ଭଣ୍ଡାର ପାକିସ୍ତାନକୁ ଆର୍ଥିକ ସଙ୍କଟରୁ ରକ୍ଷା କରିପାରିବ ବୋଲି କୁହାଯାଉଛି।

# ଭିଜିଲାନ୍ସ ଜାଲରେ ଡେପୁଟି ଟ୍ରାନ୍ସପୋର୍ଟ କମିଶନର

- ପ୍ରଦୀପଙ୍କ ବିପୁଳ ସଂପତ୍ତି ଦେଖି ଜଲକା ଭିଜିଲାନ୍ସ
- ୪ ବହୁତଳ କୋଠା ସହ ୧୧ ଦାମୀ ପ୍ଲଟ୍ ଠାବ
- ସୁନାହାର, କାନଫୁଲ, ସୁନା ଚୁଡ଼ି, ମୁଦି ସାଂଗକୁ ସୁନା ବିସ୍କୁଟ



**କଟକ :** ଭିଜିଲାନ୍ସ ଜାଲରେ ଡେପୁଟି ଟ୍ରାନ୍ସପୋର୍ଟ କମିଶନର। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଉଛି। ଆଜି ସକାଳେ ଭୁବନେଶ୍ୱର , ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ ସମେତ ଏକକାଳୀନ ୯ଟି ସ୍ଥାନରେ ଚଢାଉ ଜାରି ରହିଛି। ଚଢାଉରେ ଦୁଇ ଜଣ ଅତିରିକ୍ତ ଏସ୍‌ପି, ୧୩ ଜଣ ଡିଏସ୍‌ପି, ୧୨ ଜଣ ଇନ୍ସପେକ୍ଟର , ୨୫ ଜଣ ଏଏସଆଇ ସାମିଲ୍ ରହିଛନ୍ତି। ଅନ୍ୟପଟେ ରେଡ଼ ବେଳେ ପ୍ରଦୀପଙ୍କ ବିପୁଳ ସଂପତ୍ତି ଦେଖି ଜଲକା ଭିଜିଲାନ୍ସ । ମୋଟା ମୋଟା ସୁନାହାର, କାନଫୁଲ, ସୁନା ଚୁଡ଼ି, ମୁଦି ସାଂଗକୁ ସୁନା ବିସ୍କୁଟ । ପାଖରେ ଥୁଆ ହୋଇଛି ବିଡ଼ା ବିଡ଼ା ୫ଶହ ଟଙ୍କିଆ ବଣ୍ଡଲ । ଏବେ ଯାଏ ୧୫ ଲକ୍ଷର ନଗଦ ସହ ୭ ଶହ ଗ୍ରାମର ୩ଟି ସୁନା ବିସ୍କୁଟ ଦେଖି ଜଲକା ଭିଜିଲାନ୍ସ ଟିମ୍ । ଭୁବନେଶ୍ୱର ମୈତ୍ରୀ ବିହାର ଘରେ ରେଡ୍ ବେଳେ ମିଳିଛି ଏହି ବିପୁଳ ସଂପତ୍ତି । ତେବେ ବାବୁଙ୍କ ସମ୍ପତ୍ତିର ତାଲିକା ଏଇଠି ସରିଯାଇନି । ରେଡ୍‌ରୁ ଜଣାପଡିଛି, ପ୍ରଦୀପଙ୍କର ଭୁବନେଶ୍ୱର, ଖୋର୍ଦ୍ଧା ଓ ପୁରୀରେ ରହିଛି ୪ଟି ବହୁତଳ କୋଠା । ଭୁବନେଶ୍ୱର ରଘୁନାଥପୁରରେ ଏକ ଫ୍ଲାଟ ପାଇଁ ଦେଇଛନ୍ତି କୋଟିଏ ଟଙ୍କା । କିଣିଛନ୍ତି ୧୧ଟି ପ୍ଲଟ । ଆଉ ଏହି ପ୍ଲଟ୍ ଗୁଡିକ ମଧ୍ୟରେ ରହିଛି ଭୁବନେଶ୍ୱର, ଖୋର୍ଦ୍ଧା, ରଣପୁର ଓ ନୟାଗଡ଼ ଭଳି ଦାମୀ ସ୍ଥାନ ମାନଙ୍କରେ । ଯେଉଁଠି ଜମିର ମୂଲ୍ୟ ଆକାଶ ଛୁଆଁ । ନୟାଗଡ଼ କୁଶପଲ୍ଲୀରେ ବି ରହିଛି ୧୪ ଏକରର ଏକ ଫାର୍ମ ହାଉସ । ଏହାସହ ରହିଛି ପ୍ରଦୀପଙ୍କ ପାଖରେ ବେନାମୀ ୩ଟି ଚାରି ଚକିଆ ଗାଡ଼ି ଥିବା ଜାଣିବାକୁ ପାଇଛି ଭିଜିଲାନ୍ସ । ଭୁବନେଶ୍ୱରରେ ଆରଟିଓ ଭାବେ କାର୍ଯ୍ୟ କରୁଥିବା ପ୍ରଦୀପ ମହାନ୍ତି ପରବର୍ତ୍ତୀ ଅବସ୍ଥାରେ କଟକ STA ଯୁଗ୍ମ କମିଶନର ଭାବେ ନିଯୁକ୍ତି ପାଇଥିଲେ । ତେବେ ତାଙ୍କର କାର୍ଯ୍ୟକାଳ ଭିତରେ ଏହି ଆୟବହିର୍ଭୁତ ବିପୁଳ ସଂପତ୍ତି ଠୁଳ କରିଥିଲେ ସେଇଥିପାଇଁ ଏକକାଳୀନ ୯ଟି ସ୍ଥାନରେ ଭିଜିଲାନ୍ସ ଚଢଉ ଜାରି ରଖିଛି ।

ସତ୍ୟ ନ୍ୟୁଜ୍

# ନାଗେଶ୍ୱରୀ ପର୍ବତ ଖଣି ଖନନକୁ ନେଇ ଜନ ଶୁଣାଣି ବିଫଳ



**ନନ୍ଦପୁର,(ନି.ପ୍ର) :** ବ୍ଲକ ବାଲଡା ସ୍ଥିତ ନାଗେଶ୍ୱରି ପାହାଡ଼ରୁ ପ୍ରସ୍ତାବିତ ଖଣି ଖନନ ନିମନ୍ତେ ଆଜି ପ୍ରଶାସନ ପକ୍ଷରୁ ସର୍ବ ସାଧାରଣ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଉପ ଜିଲ୍ଲା ଆଲମଣି ସେଠି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଦିବେଶ କୁମାର ବିଶ୍ୱାଳ, ନନ୍ଦପୁର ତହସିଲଦାର ପ୍ରଭାତୀ ଝୋଡିଆ, ବିଡିଓ ଦୁର୍ଗା ପ୍ରସାଦ ଦୋରା, କଳିଙ୍ଗ ଆଲୁମିନା ତରଫରୁ ପରିଚାଳକ ସଞ୍ଜୟ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ । ୧୪୪.୯୪୫ ହେକ୍ଟର ଲିଜ ଅଞ୍ଚଳ ମଧ୍ୟରୁ ସର୍ବାଧିକ ମୂଲ୍ୟାଙ୍କିତ କ୍ଷମତା ୪.୦ ଏନ୍ ଟି ପି ଏ ଖଣିଜ ଉତ୍ତୋଳନ ନିମନ୍ତେ ଆଦାନି କମ୍ପାନୀକୁ ଦିଆ ଯିବାକୁ ନେଇ ଏହି ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶୁଣାଣୀ ଶିବିର ରେ ୫ ହଜାର ରୁ ଉର୍ଦ୍ଧ୍ୱ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ। ଜନ ଶୁଣାଣୀ କୁ ସ୍ଥାନୀୟ ଅଞ୍ଚଳ ରୁ ଆସିଥିବା ଲୋକ ତୀବ୍ର ବିରୋଧ କରି ନାଗେଶ୍ୱରି ପାହାଡ କୁ ଆଡାନି କମ୍ପାନୀ କୁ ଏହି ଖଣି କରିବାକୁ ଦିଆ ନଯିବାକୁ ତୀବ୍ରସ୍ୱର ଉତ୍ତୋଳନ କରିଥିଲେ। ଏହି ଜଙ୍ଗଲ ରୁ ଅନାଦି କାଳରୁ ଖାଦ୍ୟ, ଔଷଧ, କାଠ ଇତ୍ୟାଦି ସଂଗ୍ରହ କରି ଏ ଅଞ୍ଚଳର ପ୍ରାୟ ପାଞ୍ଚଟି ପଞ୍ଚାୟତ ଯଥା ଭେଜା, ବାଲଡା, ବାଡେଲ, ଅତଣ୍ଡା ଏବଂ କୁଲାବିର୍ ପଞ୍ଚାୟତ ଏବଂଆଖ ପାଖ ଅଞ୍ଚଳ ର ଜନ ସାଧାରଣ ଜୀବିକା ନିର୍ବାହ କରନ୍ତି। ଏହି ପାହାଡ଼ ପ୍ରସିଦ୍ଧ ନାଗେଶ୍ୱରି ଗୁମ୍ଫା ନାମରେ ଏବଂ ଏକ ପର୍ଯ୍ୟଟନ ସ୍ଥଳି ଭାବେ ମଧ୍ୟ ବିଖ୍ୟାତ ଲାଭ କରିଛି। ପ୍ରତି ଦିନ ଏଠାକୁ ଶହ ଶହ ପର୍ଯ୍ୟଟକ ଆସନ୍ତି। ଏହାକୁ ବିକାଶ କଲେ ଏ ଅଞ୍ଚଳ ର ଲୋକେ ରୋଜଗାର ପାଇଥାନ୍ତେ। କିନ୍ତୁ ସରକାର ଏହି ପାହାଡ଼ କୁ କମ୍ପାନୀ ହାତକୁ ଟେକି ଦେଇ ଏହି ପାହାଡ ରୁ ଗଛ ପଶୁ ପକ୍ଷୀ ଏବଂ ପରିବେଶ ନଷ୍ଟ କରିବା ସପକ୍ଷରେ ପ୍ରାଣପଣେ ଚେଷ୍ଟା ଚଳାଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି। ଏହା କରିବା ଦ୍ୱାରା ସ୍ଥାନୀୟ ଅଞ୍ଚଳ ପ୍ରଦ୍ୟୁଷିତ ହେବା ସହ ପାହାଡ଼ ର ଆଖ ପାଖ ଅଞ୍ଚଳ ପ୍ରଭାବିତ ହେବ ଏବଂ ସ୍ଥାନୀୟ ଅଧିବାସୀ ବିସ୍ଥାପିତ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଣୁ କମ୍ପାନୀ କୁ ଏହି ପାହାଡ଼ ରୁ ଖଣି ଖନନ କରିବାକୁ ନଦେବା ଲାଗି ପାଞ୍ଚୋଟି ପଞ୍ଚାୟତ ର ପ୍ରାୟ ୫ ହଜାର ବିଶାଳ ଜନ ସମାବେଶ କରି ଏକ ରାଲି ମାଧ୍ୟମରେ ଆସି ଅନୁଷ୍ଠିତ ଏହି ସାଧାରଣ ଜନ ଶୁଣାଣିରେ ନିଜ ନିଜର ଅଭିଯୋଗ ଲିଖିତ ତଥା ବକ୍ତବ୍ୟ ମାଧ୍ୟମରେ ଦାଏର କରିଛନ୍ତି। ପାହାଡ଼ ଉପରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ନିର୍ଭର କରୁଥିବା ହଜାର ସଂଖ୍ୟାରେ ଲୋକ ଏହି ଜନ ଶୁଣାଣୀ ରେ ଉପସ୍ଥିତ ହେବା ସହ 'ଆଦାନୀ କମ୍ପାନୀ ଗୋ ବ୍ୟାକ୍' ନାରା ବାଜି କରିଥିଲେ। ଦୀର୍ଘ,୬ ଘଣ୍ଟା ଧରି ଏହି ଶୁଣାଣୀ ଚାଲିଥିଲେ ମଧ୍ୟ କୌଣସି ଫଳପ୍ରଦ ନିଷ୍କର୍ଷ ବାହାରି ପାରି ନଥିଲା। ଏଥି ସହ ନିଜେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରୋହିତବର୍ମା ନନ୍ଦପୁର ଉପଖଣ୍ଡ ଅଧିକାରୀ ଦ୍ୱେନ୍ଦ୍ର ମଲ୍ଲିକ ଉପସ୍ଥିତ ରହି ୨୫ ପ୍ଲାଟୁନ ପୋଲିସ ଫୋର୍ସ ସହ ଭିଡ କୁ ନିୟନ୍ତ୍ରଣ କରିଥିଲେ ।

# ୧୦ ହାଇୱା ଗାଡ଼ି ଜବତ କରି ଇଓଡବ୍ଲୁ କୋଇଡ଼ା ଥାନାକୁ ହସ୍ତାନ୍ତର



**କୋଇଡ଼ା,(ନି.ପ୍ର) :** କେନ୍ଦୁଝର ଖଣି ମଣ୍ଡଳ ପରେ ସୋମ୍ୟ ଶଙ୍କର ଚକ୍ର (ରାଜା ଚକ୍ର ) ସୁନ୍ଦରଗଡ଼ ଖଣି ରାଜଧାନୀ କୁହାଯାଉଥିବା ବେଳେ କୋଇଡ଼ା ଖଣି ମଣ୍ଡଳରେ ମଧ୍ୟ କାୟା ବିସ୍ତାର କରିଥିବା ଦେଖିବାକୁ ମିଳିଛି । କେନ୍ଦୁଝର ଶୁଆକାଠି ଓଡ଼ିଶା ଖଣି ନିଗମ ପରିଚାଳିତ ଗନ୍ଧମାର୍ଦ୍ଦନ ଖଣି ଲୋଡିଂ ଏଜେନ୍ସି ଦ୍ୱାରା କୋଟି କୋଟି ଟଙ୍କା ଦୁର୍ନୀତି ସାମ୍ନାକୁ ଆସିବା ପରେ ଇଓଡବ୍ଲୁ ଦୁଇ ଦିନ ଧରି ଚଢ଼ାଉ ଜାରି ରଖିଥିଲା । ଯେଉଁଥିରେ ଚେର କୋଇଡ଼ା ଲିଙ୍କ ମଧ୍ୟ ସାମ୍ନାକୁ ଆସିଛି । ରାଜାଚକ୍ର ଙ୍କ ବେନାମୀ କାରବାରକୁ ନେଇ ଇଓଡବ୍ଲୁ ଭୁବନେଶ୍ୱର ଠାରେ ଗତ ୦୭-୦୨-୨୦୨୫କେଶ ନଂ ୩ରେ ଏକ ମାମଲା ରୁଜୁ ହୋଇଥିଲା । ମାମଲା ଅନୁଯାଇ ରାଜ୍ୟର ୧୦ଗୋଟି ସ୍ଥାନରେ ଚଢ଼ାଉ ବେଳେ ଗତ ୦୩-୦୩-୨୦୨୫ସନ୍ଧ୍ୟାରେ ଇଓଡବ୍ଲୁ ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ଖଣି ମଣ୍ଡଳରେ ପହଞ୍ଚି କୋଇଡ଼ା ଅଞ୍ଚଳର ବିଭିର୍ଣ୍ଣ ସ୍ଥାନରେ ଥିବା ୱେବ ବ୍ରିଜ ଗୁଡ଼ିକରୁ ଗାଡ଼ିର ଲିଷ୍ଟ ବାହାରକରି ୧୦ଟି ହାଇୱା ଗାଡ଼ିକୁ ଜବତ କରି କୋଇଡ଼ା ଥାନାକୁ ହସ୍ତାନ୍ତର କରିଛନ୍ତି। ଜବତ ୧୦ଗୋଟି ଗାଡ଼ି ମେସର୍ସ ଶଙ୍କର ମୀନରାଲସ ଓ ଦିବ୍ୟାନ୍ସୀ ଆସୋସିଏନ୍ସ ନାମରେ ରହିଥିବା ବେଳେ ଏହି ସଂସ୍ଥାର ମାଲିକ ଖୋଦ ସୌମ୍ୟ ଶଙ୍କର ଚକ୍ର (ରାଜା ଚକ୍ର )ଓ ଜ୍ୟୋତି ରଞ୍ଜନ ମିଶ୍ର ବୋଲି ଜଣା ପଡିଛି । ଇଓ ଡବ୍ଲୁ ର ଦୁଇଜଣିଆ ଟିମ କୋଇଡାର ବିଭିର୍ଣ୍ଣ ଖଣି ଓ ପରିବହନ ସଂସ୍ଥାକୁ ଯାଇ ପଚାର ଉଚରା କରୁଥିବା ବେଳେ ଆହୁରି ଚେରର ଖୋଳତାଳ ଜାରିରଖିଛି । ଅନ୍ୟପଟେ ରାଜାଚକ୍ରର କଳା ସାମ୍ରାଜ୍ୟ ଲିଙ୍କରେ ବହୁ ବଡ଼ ବଡ଼ ନେତାମାନେ ଓ ଟ୍ରାନ୍ସପୋର୍ଟରେ ରହି ଏ କଳାସାମ୍ରାଜ୍ୟ ଚଳାଉଥିବ ବୋଲି କୋଇଡ଼ା ଅଞ୍ଚଳର ଜନସାଧାରଣ ମାନେ ଆଲୋଚନା କରୁଛନ୍ତି ।

# ଶଙ୍କର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର



**ବୁଗୁଡା,(ନି.ପ୍ର) :** ଶ୍ରୀ ଶ୍ରୀ ନିଖିଳ ଉତ୍କଳ ଶୈବ ପାଞ୍ଚାଳ ବିଶ୍ୱ ବ୍ରାହ୍ମଣ(ସୁନାରି) ସମାଜ, ଘୁମୁସର ତାଲୁକା ସଭାପତି କେ.ମନୋଜ ଅଚାରୀ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରାଝୋଳ ର ମିଳିତ ଆନୁକୂଲ୍ୟରେ, ସାଇଟସେଭରସ ଇଣ୍ଡିଆ ସହଯୋଗ ରେ ଗାଡି ଚାଳକ(ଡ୍ରାଇଭର) ମାନଙ୍କ ପାଇଁ ମାଗଣା ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବୁଗୁଡା ବ୍ଲକର ବାଲିପଦର ସୁନାରି ସମାଜ କୋଠାଘର ଠାରେ,ମୋଟ ୬୦ ଜଣଙ୍କ ଆଖି ପରୀକ୍ଷା କରାଯାଇ ୩୫ ଜଣଙ୍କୁ ମାଗଣା ରେ ଚଷମା ପ୍ରଦାନ କରାଯାଇଥିଲା। ଏଥିସହ ବୁଗୁଡା ବ୍ଲକର ଶଙ୍କୁରୁ ଓ କାନକୁଟୁରୁ ଗ୍ରାମରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ୪୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ୧୩ ଜଣଙ୍କ ଅପରେସନ ପାଇଁ ଚିହ୍ନଟ କରାଯାଇଥିଲା। ଶିବିର ପରିଚାଳକ ଚିତ୍ରସେନ ଗୌଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ହସପିଟାଲର କର୍ମଚାରୀଙ୍କ ସହଯୋଗରେ ଏହି ତିନି ସ୍ଥାନରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା।

# ସାହାରପଡା ବ୍ଲକ ସମ୍ମୁଖରେ ବିଜେଡିର ପ୍ରତିବାଦ ସଭା



**ପାଟଣା,(ନି.ପ୍ର) :** ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀରେ ପଞ୍ଚାୟତ ଦିବସ ପାଳନ କରାଯାଉ ନଥିବାରୁ ବିଜେଡି ଏହାର ତୀବ୍ର ପ୍ରତିବାଦ କରିଛି । ରାଜ୍ୟ ସରକାର ଉକ୍ତ ଦିନରେ ପଞ୍ଚାୟତରାଜ ଦିବସ ପାଳନ କରୁ ନଥିବାରୁ ପାଟଣା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ସାହାରପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ଜଗନ୍ନାଥ ନାଏକଙ୍କ ଆହ୍ୱାନରେ ୫୬ ଗୋଟି ପଞ୍ଚାୟତ ର ବିଜେଡି କର୍ମୀ ଓ ନେତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବିଜୁ ବାବୁଙ୍କ ପାଇଁ ଏହା ଅପମାନ ବୋଲି କହିବ ସହ ଆଗାମୀ ଦିନରେ ଏହାର ଜବାବ ଦିଆଯିବ ବୋଲି ଶ୍ରୀ ଜଗନ୍ନାଥ କହିଥିଲେ । ସେହିପରି ବିଜେଡିର ବରିଷ୍ଠ ନେତା ଦୀପକ ରାଜ, କୃଷ୍ଣ ଚନ୍ଦ୍ର ମହାପାତ୍ର, ସତ୍ୟବ୍ରତ ନାଏକ ଜିଲ୍ଲା ପରିଷଦ ବୁଦ୍ଧଦେବ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକୁ ଦୃଢ ନିନ୍ଦା କରିଥିଲେ । କାର୍ଯ୍ୟକ୍ରମରେ ପାଟଣା ନିର୍ବାଚନ ମଣ୍ଡଳୀର ୫୬ ଟି ଯାକ ପଞ୍ଚାୟତ ର ବହୁ ଆଗ ଧାଡ଼ି ର ନେତା ସାମିଲ ହୋଇଥିଲେ ।

# ସଡକ ଦୁର୍ଘଟଣାରେ ଜଣେ ମାଟ୍ରିକ ପରୀକ୍ଷାର୍ଥୀ ମୃତ୍ୟୁ



**ମାଲକାନଗିରି,(ନି.ପ୍ର) :** ସଡକ ଦୁର୍ଘଟଣାରେ ଜଣେ ମାଟ୍ରିକ ପରୀକ୍ଷାର୍ଥୀ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଛାତ୍ର ଆହତ ହୋଇଛନ୍ତି । ପଦ୍ମଗିରି ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ବିକ୍ରମ ସର୍ଦାର ଓ ତାଙ୍କ ଭାଇ ନିଜ ଗାଁ ଏମ.ଭି. ୧୦୧ ରୁ ଏକ ବାଇକ ଯୋଗେ ପାଣ୍ଡ୍ରିପାଣି ପରିକ୍ଷା କେନ୍ଦ୍ରକୁ ଯାଉଥିଲେ । ହେଲେ ଚନ୍ଦନଗୁଡା ନିକଟରେ ଏକ ପିକଅପ୍ ଭ୍ୟାନ ବିପରୀତ ଦିଗରୁ ଆସୁଥିବା ବେଳେ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ବିକ୍ରମ ପ୍ରାଣ ହରାଇଥିବା ବେଳେ ତାଙ୍କ ସାନ ଭାଇକୁ ଆହତ ଅବସ୍ଥାରେ ପାଣ୍ଡ୍ରିପାଣି ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ ମାଲକାନଗିରି ଆଦର୍ଶ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପରିକ୍ଷା କେନ୍ଦ୍ରକୁ ଯିବା ଲାଗି ବିଦ୍ୟାଳୟ ତରଫରୁ ବସ ବ୍ୟବସ୍ଥା ରହିଥିବା ବେଳେ ଏହି ଛାତ୍ର ଦୁଇ ଜଣ ପ୍ରତିଦିନ ବାଇକ୍ ରେ ପରିକ୍ଷା ଦେବାକୁ ଯାଉଥିଲେ ।

# ଧୀରେ ଧୀରେ ଖତମ ହେଉଛି ଲାଲସଙ୍ଗଠନ

**ମାଲକାନଗିରି,(ନି.ପ୍ର) :** କିଏ ଯବାନ ଙ୍କ ଗୁଳିରେ ନିହତ ହେଉଛି ତ ପୁଣି କିଏ ଯବାନଙ୍କ କୁମ୍ବିଙ୍ଗ ଅପରେସନ ସମୟରେ ଧରା ପଡୁଛି। ହଁ ଦର୍ଶକ ବନ୍ଧୁ ପୁଣି ଲାଲଗଡ଼ରେ ଧରା ପଡିଲେ ଦୁଇ ଜଣ କୁଖ୍ୟାତ ନକ୍ସଲ । ସୁରକ୍ଷା କର୍ମୀଙ୍କୁ ମିଳିଲା ବଡ ସଫଳତା । ଖବର ମୁତାବକ ମହାରାଷ୍ଟ୍ରର ର ଗଡ଼ଚିରଲୀ ଜିଲ୍ଲା ପୋଲିସର ସି-୬୦ ଯବାନ ଓ ସିଆରପିଏଫ ର ଯବାନ ମାନେ ମିଳିତ



ଭାବେ କୁମ୍ବିଙ୍ଗ ଅପରେସନ କରୁଥିବା ସମୟରେ ଦୁଇ ଜଣ ହାର୍ଡକୋର ମାଓବାଦୀଙ୍କୁ ଗିରଫ କରିଛନ୍ତି । ଗିରଫ ଦୁଇ ମାଓ ନେତା କେଲୁ ପାଣ୍ଡୁ ମାଡ଼କାମ ଓ ରାମେ ଡୋହି କୋର୍ଚେ ବୋଲି ଜଣା ପଡିଥିବା ବେଳେ ଏମାନେ ଟେନୁର ମାଓ ସଙ୍ଗଠନରେ କମାଣ୍ଡର ପଦବୀରେ ରହିଥିଲେ । ପୁର୍ବରୁ ଏମାନଙ୍କ ମୁଣ୍ଡ ଉପରେ ସରକାର ଆଠ ଲକ୍ଷ ଟଙ୍କାର ଅର୍ଥ ରାଶି ଘୋଷଣା କରିଛନ୍ତି ତେବେ ଏମାନେ ଦୀର୍ଘ ବର୍ଷ ଧରି ମାଓ ସଙ୍ଗଠନରେ କାର୍ଯ୍ୟ କରିବା ସହ ଅନେକ ହିଂସା କାଣ୍ଡ ଘଟାଇଛନ୍ତି ବିଶେଷ କରି ଚଳିତ ମାସ ଫେବୃଆରୀ ୨୫ ତାରିଖ ଦିନ ଜଣେ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରିଥିବା ବେଳେ ସି-୬୦ ବାହିନୀର ଯବାନଙ୍କ ଉପରକୁ ମଧ୍ୟ ଗୁଳିମାଡ଼ କରିଥିଲେ ଏହା ସହ ବିଭିନ୍ନ ସମୟରେ ପ୍ରଜାକୋର୍ଟ ଅନୁଷ୍ଠିତ କରି ଉନ୍ନୟନ ମୁଳକ କାର୍ଯ୍ୟକୁ ମଧ୍ୟ ବିରୋଧ କରୁଥିବା ଗଡ଼ଚିରଲୀ ପୋଲିସ କହିଛି । ଗିରଫ ଦୁଇ ମାଓନେତାଙ୍କୁ ଆଜି କୋର୍ଟ ଚାଲାନ କରାଯାଇଥିବା ଜଣା ପଡ଼ିଛି।

# ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଭାପୁରର ନୂତନ ଗୃହ ଉଦ୍ଘାଟିତ



**ଭାପୁର,(ନି.ପ୍ର) :** ଭାପୁର ବ୍ଲକ ସଦର ମହକୁମା ସ୍ଥିତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ର ନୂତନ ଗୃହ ଗୁରୁବାର ଦିନ ତହସିଲଦାର ଅର୍ଜୁନ କୁମାର ପ୍ରଧାନ ପୌରହିତ୍ୟରେ ଉଦ୍ଘାଟିତ ହୋଇଯାଇଛି। ଗୁରୁବାର ଦିନ ପଣ୍ଡିତ ପଞ୍ଚୁ ନନ୍ଦଙ୍କ ଦ୍ୱାରା ନୂତନ ଗୃହର ପୂଜାର୍ଚ୍ଚନା ଶେଷ ପରେ ତହସିଲଦାର ଶ୍ରୀ ପ୍ରଧାନ ଫିତା କାଟି ନୂତନ ଗୃହ କୁ ପ୍ରବେଶ କରିଥିଲେ। ଏହି ଅବସରରେ ଭାପୁର ରାଜସ୍ୱ ନୀରିକ୍ଷକ ବିଷ୍ଣୁପ୍ରିୟା ବେହେରା ଓ ସହ ନୀରିକ୍ଷକ ବିଶ୍ୱରଂଜନ ମଣ୍ଡା, ଦୀନବନ୍ଧୁ ସାହୁ, ପରିଦର୍ଶକ ପ୍ରଫୁଲ୍ଲ କୁମାର ନାୟକ, ବରିଷ୍ଠ କିରାଣୀ ରମେଶ ଚନ୍ଦ୍ର ମାଝୀ, ଭାପୁର ତହସିଲ କାର୍ଯ୍ୟାଳୟର କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକ ମାନେ ଉପସ୍ଥିତ ଥିଲେ। ସୂଚନା ଥାଉ କି ବହୁ ବର୍ଷ ଧରି ଭାପୁର ରାଜସ୍ୱ ନିରୀକ୍ଷକ ବିଭାଗ କାର୍ଯ୍ୟାଳୟ ଟି ତହସିଲ କାର୍ଯ୍ୟାଳୟ ପରିସରରେ ଚାଲୁ ଥିଲେ। ତେଣୁ, ଭାପୁର ରାଜସ୍ୱ ନିରୀକ୍ଷକ ବିଭାଗ ର ନିଜସ୍ୱ ଗୃହ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବହୁ ଦିନ ଧରି ଦାବି କରି ଆସୁଥିଲେ।

# ରାମଣ୍ଡା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୁଗୁଡା,(ନି.ପ୍ର) :** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ରାମଣ୍ଡକ୍ଷ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମାର୍ଚ୍ଚ ୬ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉପେନ୍ଦ୍ର ନାହାକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ମନୋରଂଜନ ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡାକରାବାଡି ଉ. ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ଗୌଡ଼ ଯୋଗ ଦେଇଥିଲେ। ଅତିଥି ମାନେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ହେବା ପାଇଁ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷକ କାଳୀଚରଣ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ମାନେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ମିଳିଥିବାରୁପତ୍ର ସହ ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷୟତ୍ରୀ ରଶ୍ମିତା କୁମାରୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଓ ପ୍ରକାଶ ଚନ୍ଦ୍ର ଦାସ କାର୍ଯକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।



# ଗୁଣୁପୁର ସହର ରେ ବିଜେଡିର ପ୍ରତିବାଦ ସଭା



**ଗୁଣୁପୁର,(ନି.ପ୍ର) :** ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀରେ ପଞ୍ଚାୟତ ଦିବସ ପାଳନ କରାଯାଉ ନଥିବାରୁ ବିଜେଡି ଏହାର ତୀବ୍ର ପ୍ରତିବାଦ କରିଛି । ରାଜ୍ୟ ସରକାର ଉକ୍ତ ଦିନରେ ପଞ୍ଚାୟତରାଜ ଦିବସ ପାଳନ ନ ହେବାରୁ ଗୁଣୁପୁର୍ ନୂଆ ବସ ଷ୍ଟାଣ୍ଡ ନିକଟସ୍ଥ ବିଜୁ ବାବୁ ଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ବିରାଟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ଗୁଣୁପୁର ବିଧାୟକ ଶ୍ରୀ ରଘୁନାଥ ଗୋମଙ୍ଗ ଙ୍କ ଆହ୍ୱାନରେ ଗୁଣପୁର ନିର୍ବାଚନ ମଣ୍ଡଳୀ ର ସମସ୍ତ ପଞ୍ଚାୟତ ର ବିଜେଡି କର୍ମୀ ଓ ନେତା ମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବିଜୁ ବାବୁଙ୍କ ପାଇଁ ଏହା ଅପମାନ ବୋଲି କହିବକ୍ଷ ସହ ଆଗାମୀ ଦିନରେ ଏହାର ଉଚିତ୍ ଜବାବ ଦିଆଯିବ ବୋଲି ବରିଷ୍ଠ ବିଜେଡ଼ି ନେତା ଶ୍ରୀ ଦୁର୍ଗା ସାହୁ କହିଥିଲେ । ଏହି ଅବସରରେ ବରିଷ୍ଠ ନେତା ଶ୍ରୀ ବକ୍ଷଳି ଗମଙ୍ଗୋ ଅଶ୍ୱିନୀ ଗମାଙ୍ଗୋ ଗୋଦାବରୀ ରାଉତ ସନ୍ତୋଷ କୁମାର ପାଣିଗ୍ରାହୀ ବୁନକ୍ଷ ପ୍ରମୁଖରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକୁ ଦୃଢ ନିନ୍ଦା କରିଥିଲେ । କାର୍ଯ୍ୟକ୍ରମରେ ଗୁଣୁପୁର ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ ର ବହୁ ଆଗ ଧାଡ଼ି ର ବିଜେଡ଼ି ନେତା ଓ କର୍ମୀ ସାମିଲ ହୋଇଥିଲେ ।

# ନୂଆଗାଁ ମହୋତ୍ସବ ଓ ପଲ୍ଲିଶ୍ରୀମେଳା ଅନୁଷ୍ଠିତ



**ବାହାଡ଼ା ଝୋଲା/ନୟାଗଡ଼,(ନି.ପ୍ର) :** ଉଦ୍‌ଘାଟନ ନୂଆଗାଁ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା -୨୦୨୫ । ନୂଆଗାଁ କଲେଜ ସମ୍ମୁଖ ପଡ଼ିଆରେ ନୂଆଗାଁ ମହୋତ୍ସବ କମିଟି ପକ୍ଷରୁ ବିରାଟ ଆୟୋଜନରେ ନୂଆଗାଁ ମହୋତ୍ସବ ଉଦଘାଟନ କରାଯାଇଛି । ଅପରାହ୍ନରେ ମଞ୍ଚପୂଜା ପରେ ସ୍ଥାନୀୟ କଳାକାର ଓ କୁନି ପ୍ରତିଭା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଉଦଘାଟନୀ ଉତ୍ସବରେ ନୂଆଗାଁ ମହୋତ୍ସବ କମିଟି ଓ ପଲ୍ଲିଶ୍ରୀ ମେଳାର ଅଧ୍ୟକ୍ଷ ତଥା କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବରେଣ୍ୟ ଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ କୁମାର ପୂଜାରୀ, ସମବାୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ସାଂସଦ ରବିନାରାୟଣ ବେହେରା, ପୁରୀ ସାଂସଦ ଡ଼. ସମ୍ବିତ ପାତ୍ର, ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁ, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଦଶପଲ୍ଲା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରି ନୂଆଗାଁ ମହୋତ୍ସବର ଶୁଭ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ବାଦ୍ୟଧ୍ୱନି, ଓଡିଶୀନୃତ୍ୟ, ଆସାମର ବିହୁ ନୃତ୍ୟ ସାଙ୍ଗକୁ ମେଲୋଡି ସହ ପପୁ ପମପମଙ୍କ କମେଡି ଦର୍ଶନଙ୍କୁ ବେଶ ଉତ୍ସାହିତ କରିଥିଲା । ଏହି କାର୍ଯ୍ୟକ୍ରମକୁ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ନୂଆଗାଁ ମହୋତ୍ସବ କମିଟି ସମ୍ପାଦକ ଶିବରାମ ମହାପାତ୍ରଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂତନ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା କର୍ମଶାଳା



**କଳାହାଣ୍ଡି ଥୁଆମୂଳ ରାମପୁର,(ନି.ପ୍ର) :** ସାରା ଭାରତରେ ୨୦୨୪ ଜୁଲାଇ ୧ ତାରିଖରୁ ଆରମ୍ଭ କରାଯାଇଥିବା ଯେଉଁ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ନେଇ ଆଜି ମଧ୍ୟ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କର୍ଲାପାଟ ଥାନା ପକ୍ଷରୁ କର୍ଲାପାଟ ଥାନା ଅନ୍ତର୍ଭୁକ୍ତ ତିନୋଟି ସ୍ଥାନ ଯାହା - କିଆପଦର,, ଗୁଣପୁର , ଓ କର୍ଲାପାଟ ରେ ଲୋକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ମାନଙ୍କରେ ନୂତନ ଭାବେ ଯୋଗଦାନ କରିଥିବା ଥାନା ଅଧିକାରୀ (ଙ ଓ ଉ ) ଶ୍ରୀକାନ୍ତ କୋଲକା ଅଧ୍ୟକ୍ଷତା କରିଥିବା ବେଳେ ଥାନାର ସବ ଇନ୍ସପେକ୍ଟର ଅଜୟ କୁମାର ନାୟକ , କର୍ଲାପାଟ ସରପଞ୍ଚ ବିଶ୍ୱନାଥ ମାଝୀ , କିଆପଦର୍ ସରପଞ୍ଚ ଲଖିଧର ମାଝୀ , ଗୁଣପୁର ସରପଞ୍ଚ ଶ୍ରୀମତୀ ସୁଜାତା ମାଝୀ ଓ ଅଞ୍ଚଳର ବରିଷ୍ଠ ସମାଜସେବୀ ତଥା ସାମ୍ବାଦିକ ରବି ନାରାୟଣ ସିଂହ ମଞ୍ଚାସିନ ଥିଲେ । ଏହି ଅବସରରେ ଥାନା ଅଧିକାରୀ ଶ୍ରୀଯୁକ୍ତ ଶ୍ରୀକାନ୍ତ ଜୀ ଭାରତୀୟ ନ୍ୟାୟ ସଂହିତା ର ନୂଆଁ ଆଇନ ଇଣ୍ଡିଆନ ପେନାଲ କୋଡ ୧୮୬୦ ପରିବର୍ତ୍ତେ ଭାରତୀୟ ନ୍ୟାୟ ସଂହିତା ୨୦୨୩ , କୋଡ ଅଫ କ୍ରିମିନାଲ ପ୍ରୋକ୍ଷିଜୀୟର ୧୯୭୩ ପରିବର୍ତ୍ତେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ , ଇଣ୍ଡିଆନ ଏଭିଡେନସ୍ ଏକ୍ଟ ୧୮୭୨ ପରିବର୍ତ୍ତେ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ର ଆଇନ କାନୁନ୍ ସବୁ ଗତ ଜୁଲାଇ ୧ ତାରିଖରୁ ଲାଗୁହେଲା ବୋଲି ବୁଝାଇଥିଲେ । ଆଇ ପି ସି ୫୧୧ଟି ଧାରା ଥିବାବେଳେ ବି ଏନ ଏସ ରେ ୩୫୮ ଟି ଧାରା ସି ଆର ପି ସି ରେ ୪୮୪ ଟି ଧାରା ରହିଥିବା ବେଳେ ବି ଏନ ଏସ ରେ ୫୩୧ ଟି ଧାରା ଓ ସେହିଭଳି ଇଣ୍ଡିଆନ ଏଭିଡେନସ୍ ଏକ୍ଟ ରେ ୧୭୦ ଟି , ଭାରତୀୟ ସାକ୍ଷ୍ୟ ଅଧିନିୟମ ରେ ୧୭୬ ଟି ଧାରା ରହିଛି ବୋଲି ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ । ଏହି ନୂତନ ଆଇନ୍ ଯୋଗୁଁ ସହଜରେ ଏଫ୍ ଆଇ ଆର୍ , ମହିଳାଙ୍କୁ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯ୍ୟାତନା , ମହିଳା ଚାଲାଣ , ସାଇବର ଅପରାଧରେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ତ୍ୱରନ୍ତ ନ୍ୟାୟ ମିଳିପାରିବ ବୋଲି ଅବଗତ କରାଇ ଥିଲେ। ତା ସହିତ ମୋବାଇଲ ଫୋନ୍ କଲ୍ ମାଧ୍ୟମରେ ଏଫ୍ ଆଇ ଆର୍ ଦେଇ ପୋଲିସ ବିଭାଗ ସହିତ ସୁ ସମ୍ପର୍କ ସ୍ଥାପନ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆଜି କର୍ଲାପାଟ ଥାନା ଅନ୍ତର୍ଭୂକ୍ତ ତିନୋଟି ଗ୍ରାମ ପଞ୍ଚାୟତ ର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ପୃଥକ୍ ପୃଥକ୍ ଭାବେ ଆୟୋଜନ କରି ସଚେତନ କରାଇଥିଲେ। ଉକ୍ତ ସଚେତନ ଶିବିରରେ ପଞ୍ଚାୟତ ସରପଞ୍ଚ , ୱାର୍ଡ ମେମ୍ବର, ସମାଜସେବୀ, ଅଙ୍ଗନୱାଡ଼ି କର୍ମୀ , ଆଶାକର୍ମୀ, ସି ଆର ପି , ଏମ ବି କେ , ଏସ ଏଚ ଜି ମେମ୍ବର , ସାମ୍ବାଦିକ ଓ ଗ୍ରାମବାସୀ ମାନେ ଯୋଗଦେଇ ଥିଲେ ।

# ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମହାସମାରୋହରେ ପାଳନ

**ଭୁବନେଶ୍ୱର,(ନି.ପ୍ର) :** ବିଜୁ ପଟ୍ଟନାୟକ ଜୟନ୍ତୀ କମିଟି ର ସମ୍ପାଦିକା ପ୍ରତିମା ତ୍ରିପାଠୀ, ସଭାପତି ସୁବାସ ଚନ୍ଦ୍ର ପାତ୍ର ଓ ଉପ ସଭାପତି ନବ କିଶୋର ବେହେରାଙ୍କ ନେତୃତ୍ୱ ରେ ସି.ଆର.ପି ଛକ ଠାରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପ୍ରବାଦପୁରୁଷ ବିଜୁ



ପଟ୍ଟନାୟକଙ୍କ ଜୟନ୍ତୀ ମହାସମାରୋହରେ ପାଳନ କରାଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ୨୫ନଂ ୱାର୍ଡ କର୍ପୋରେଟର ମାନସୀ ସୁନ୍ଦରରାୟ, ୨୭ ନଂ ୱାର୍ଡ କର୍ପୋରେଟର ଶୁଭ୍ରାଂଶୁ ପଟ୍ଟନାୟକ, ୧୫ ନଂ ୱାର୍ଡ କର୍ପୋରେଟର ପିଙ୍କି ସ୍ୱାଇଁ, ୩୮ ନଂ କର୍ପୋରେଟର ପଦ୍ମପ୍ରା ପ୍ରିୟଦର୍ଶିନୀ ଜେନା, ୨୧ ନଂ ୱାର୍ଡର କର୍ପୋରେଟର ପୂଜା ବେହେରା ଓ କମିଟି ସଦସ୍ୟ ମହେସ୍ୱର୍ ମଲ୍ଲିକଙ୍କ ସହ ଅନ୍ୟାନ୍ୟ ସାଥୀ ସହଯୋଗୀ ଯୋଗଦାନ କରିଥିଲେ। ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ସହ ବିଜୁ ବାବୁଙ୍କ ଅମର ସ୍ମୃତି ର ଗୁଣଗାନ ଓ ଓଡ଼ିଶା ବାସୀଙ୍କ ହୃଦରେ ଥିବା ତାଙ୍କ ପାଇଁ ଦୃଢ଼ ସ୍ନେହକୁ ଚର୍ଚ୍ଚା କରାଯାଇଥିଲା।

# ନୂତନ ଆଇନ୍ ସଚେତନତା କାର୍ଯ୍ୟକ୍ରମ



**ନୂଆଗାଁ,(ନି.ପ୍ର) :** ନୂଆଗାଁ ବ୍ଲକ ଅନ୍ତର୍ଗତ ହରିପୁର ପଂଚାୟତର ପଂଚାୟତ କାର୍ଯ୍ୟ ଳୟ ରେ ଓଡ଼ଗାଁ ପୋଲିସ ଓ ବାହାଡ଼ା ଝୋଲା ପୁଲିସ ପକ୍ଷରୁ ଏକଦିବସୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ପ୍ରଣୟନ ହୋଇଥିବା ବିଏନଏସ, ବିଏନଏସ, ବିଏସଏ, କମ୍ୟୁନିଟି ପଲିସି ବାବଦରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ନୂତନ ଆଇନ୍ ଦ୍ୱାରା କିଭଳି ଭାବେ ନାଗରିକ ମାନଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଦୋଷୀକୁ ଦଣ୍ଡ ବିଧାନ କରାଯିବା ବିଷୟରେ କୁହାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ହରିପୁର ପଂଚାୟତର ଜୁବ ସରପଂଚ ଜିତେନ୍ଦ୍ର କୁମାର ଖଟୁଆ ଙ୍କ ସହିତ ଓଡ଼ଗାଁ ଆଦର୍ଶ ଥାନା ସେକେଣ୍ଡ ଅଫିସର ଓ ବାହାଡ଼ା ଝୋଲା ଫାଣ୍ଡି ଅଧିକାରୀ ମହମ୍ମଦ ଜାଫୁରୁଲା ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ। ଏଥିସହିତ ପ୍ରାଶାସନିକ ଅଧିକାରୀ, ବୁଦ୍ଧିଜୀବୀ ଜନପ୍ରତିନିଧି ମାନେ ଉପସ୍ଥିତ ରହିଥିଲେ।

# ଚେରଖଣ୍ଡି ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ

**ଆଠମଲ୍ଲିକ,(ନି.ପ୍ର) :** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଂଚାୟତ



ଅନ୍ତର୍ଗତ ଚେରଖଣ୍ଡି ଗ୍ରାମରେ ଆଜି ବିଶ୍ୱକଲ୍ୟାଣ ନିମିତ୍ତ ଏକ ବିଶ୍ୱାଶାନ୍ତି. ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି. ଓ କାର୍ଯ୍ୟକ୍ରମ ର ପ୍ରାରମ୍ଭ ରେ. ସକାଳ ୭ ଘଂଟିକା ସମୟରେ ନାମ ସଂକ୍ରିତନ୍ୟ ହରିବୋଲ ହୁଳହୁଳି ଶବ୍ଦ ର ତାଳେ ତାଳେ ନଗର ପରିକ୍ରମା କରି ନାଳରୁ ଗଙ୍ଗାମାତା. ଙ୍କୁ ନିମନ୍ତ୍ରିତ କରି କଳସୀ ଯାତ୍ରା ମାଧ୍ୟମରେ ଯଜ୍ଞ ମଣ୍ଡପ କୁ ବିରାଜମାନ କରିଥିଲେ କ୍ଷ ଯଜ୍ଞ ଆରମ୍ଭ ହୋଇଥିବା ବେଳେ, ଆମ୍ବଶରମୁଣ୍ଡା ପଂଚାୟତ ର ପ୍ରାୟ ୧୫ ଗୋଟି ମହିଳା ଓ ପୁରୁଷ ସଂକୀର୍ତନ ମଣ୍ଡଳୀ ଯୋଗ ଦେଇ ନିଜ ନିଜ ର ଅଭିଜ୍ଞତା ଅନୁସାରେ ସଂକ୍ରିତନ୍ୟ କଳା ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି । ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁଙ୍କ ଆଶିଷ ଭିକ୍ଷା ଗ୍ରହଣ କରି ଅରୁଆ ଅନ୍ନ ସେବନ କରି ଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମ ରେ ଗ୍ରାମ ସଭାପତି ବାବୁଲି କୁମାର ଦେହୁରୀ, ସମ୍ପାଦକ ଧନେଶ୍ୱର ଦେହୁରୀ, ସଭ୍ୟଶ୍ରୀ ଦିବାକର ଦେହୁରୀ, କ୍ଷୀରୋଦ କୁମାର ଦେହୁରୀ, ନବୀନ ନାୟକ., ସୁରେଶ ମହାଖୁଡ଼., ଗଣେଶ୍ୱର ସେଠି., ରମାକାନ୍ତ ନାୟକ, କୈଳାସ ଚନ୍ଦ୍ର ମହାଖୁଡ଼, ବିରେନ ମହାଖୁଡ଼, ପିଣ୍ଟୁ ଗହୀର, ଲିଟୁ ପ୍ରଧାନ, ସୁଦର୍ଶନ ମାଝୀ ସମେତ ଗ୍ରାମର ସମସ୍ତ ଜନ ସାଧାରଣ ଙ୍କ ସହଯୋଗ ରେ ଶାନ୍ତି ଶୃଙ୍ଖଳା ରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି ।

# ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ , ସେମି ଫାଇନାଲରେ ଧର୍ମଶାଳା ଫୁଟବଲ ଟିମ୍

**ଭାପୁର,(ନି.ପ୍ର) :** ଭାପୁର ବ୍ଲକ ସଦର ମହକୁମା ସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ସମ୍ପର୍କ କ୍ଲବ ଯୁବକ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ଖେଳର ଚତୁର୍ଥ ଲିଗ୍ ମ୍ୟାଚରେ ଧର୍ମଶାଳା ଫୁଟବଲ ଟିମ୍ (ଯାଜପୁର) ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ ଡି.ଏଫ୍.ଏ. ଧର୍ମଶାଳା ଫୁଟବଲ ଟିମ୍ (ଯାଜପୁର) ଓ ଜୟଦୂର୍ଗା କ୍ଲବ ଖୋର୍ଦ୍ଧା ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର ଖେଳର ପ୍ରଥମାର୍ଦ୍ଧରେ ଉଭୟ ଦଳ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଖେଳ ହୋଇଥିଲେ ମଧ୍ଯ ପରସ୍ପରକୁ ଗୋଟିଏ ଗୋଲ ଦେଇ ମ୍ୟାଚ କୁ ୧-୧ ଗୋଲରେ ବରାବର ରଖିବାରେ ସକ୍ଷମ ହୋଇଥିଲେ। ମାତ୍ର , ଖେଳର



ଦ୍ୱିତୀୟାର୍ଦ୍ଧରେ ଡି.ଏଫ୍.ଏ. ଧର୍ମଶାଳା ଫୁଟବଲ ଟିମ୍ (ଯାଜପୁର) ବିପକ୍ଷ ଖୋର୍ଦ୍ଧା ଫୁଟବଲ ଟିମ୍ କୁ ଆଉ ୧ଟି ଗୋଲ ଦେଇଥିଲା। ଫଳରେ ଡି.ଏଫ୍.ଏ. ଧର୍ମଶାଳା ଫୁଟବଲ ଟିମ୍ (ଯାଜପୁର) ୨-୧ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳକୁ ରେଫରି ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ ଓ ସାଗିର ଅହମ୍ମଦ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ପ୍ରଫୁଲ୍ଲ କୁମାର ବେହେରା ଓ ମ୍ୟାଚ କମିଶନର ଭାବେ ଅବଦୁଲ ବୟାନ ଖାନ୍ ସହଯୋଗ କରିଥିଲେ। ଆଜିର ମ୍ୟାଚ ରେ ଅତିଥି ଭାବେ ଶିକ୍ଷକ ଚରଣ କୁମାର ସାହୁ ଓ ଅଭିମନ୍ୟୁ ରଣସିଂହ, ସମାଜସେବୀ ଗଙ୍ଗାଧର ବାରିକ, ପ୍ରଭାତ କୁମାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା କାଲିର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ବଜରଙ୍ଗ କ୍ଲବ ଘାଟିକିଆ (ଭୁବନେଶ୍ୱର) ଫୁଟବଲ ଟିମ୍ ଓ ଡି.ଏଫ୍.ଏ. ଧର୍ମଶାଳା ଫୁଟବଲ ଟିମ୍ (ଯାଜପୁର) ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଭାପୁର ଫୁଟବଲ କ୍ଲବର ସଭାପତି ବ୍ରଜବନ୍ଧୁ ବେହେରାଙ୍କ ଠାରୁ ସୂଚନା।

# ପାଲା ମାଧ୍ୟମରେ ସୁଭଦ୍ରା ସଚେତନତା



**ଶେରଗଡ, (ନି.ପ୍ର) :** ମହିଳା ଓ ଶିଶୁ ବିକାଶ ବିଭାଗ ର ଆନୁକୂଲ୍ୟରେ ଶେରଗଡ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ଗୁରୁବାର ପଞ୍ଚାୟତ ସ୍ତରୀୟ ପାଲା ନାଚ ମାଧ୍ୟମରେ ସୁଭଦ୍ରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି ମମତାଞ୍ଜଳି ପଣ୍ଡା ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ କୁ ପାଲା ମାଧ୍ୟମରେ ପଞ୍ଚାୟତ ରେ ଉପସ୍ଥିତ ସମସ୍ତ ସୁଭଦ୍ରା ହିତାଧିକାରୀଙ୍କୁ ସଚେତନତା କରାଇଥିଲେ। ରାଜ୍ୟ ସରକାରଙ୍କ ପ୍ରଯୋଜିତ ଏହି ନୂତନ ଯୋଜନା ରେ ମହିଳା ମାନେ ଅଧିକ ରୁ ଅଧିକ ସାମିଲ ହୋଇ ଯୋଜନାରୁ ଆର୍ଥିକ ସହାୟତା ପାଇବା ଲାଗି ପାଲା ମାଧ୍ୟମରେ ସଚେତନ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ତରୀୟ ଉତ୍ସବ ର ଅଂଶ ସ୍ୱରୂପ ସହର ଏବଂ ଗ୍ରାମାଞ୍ଚଳରେ ସୁଭଦ୍ରାଙ୍କ ପଦକ୍ଷେପ ଏବଂ ମହିଳା ଆନ୍ତର୍ଜାତିକ ଦିବସ ପାଳନର ପ୍ରଭାବ କୁ ସ୍ମରଣ କରିବା ଲାଗି ଏହା ଉଦ୍ଦିଷ୍ଟ ବୋଲି ସିଡିପିଓ ମମତାଞ୍ଜଳି ପଣ୍ଡା ପ୍ରକାଶ କରିଥିଲେ। ଏହିଭଳି ଆଜି ସମସ୍ତ ୨୨ ଟି ପଞ୍ଚାୟତ ରେ ସୁଭଦ୍ରା ଲାଗି ସଚେତନତା କାର୍ଯ୍ୟକ୍ରମ କରାଯାଇଛି।

# ମହିଳା ଉଦ୍ୟୋଗୀ ସଚେତନତା କର୍ମଶାଳା

**ପୁରୀ,(ନି.ପ୍ର) :** ମହିଳା ମାନଙ୍କୁ ସଶକ୍ତ, ଆତ୍ମନିର୍ଭରଶୀଳ ଓ ଆର୍ଥିକ ସମୃଦ୍ଧ କରିବା ପାଇଁ ସରକାର ବିବିଧ ପଦକ୍ଷେପ ନେଇଛନ୍ତି।ତେବେ ବୈଷୟିକ ଦକ୍ଷତା ଅଭାବ ଏବଂ ସାଇବର ଅପରାଧ ର ଭୟ ସେମାନଙ୍କ ପାଇଁ ବାଧକ ସାଜୁଛି।ଏ ସମ୍ପର୍କରେ ସେମାନ ଙ୍କୁ ସଚେତନ କରାଇ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଦେବାକୁ ଏକ ଦିନିକିଆ କର୍ମଶାଳା ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପୁରାଣ ଓ ଇତିହାସ ରେ ମହିଳା ସଶକ୍ତିକରଣ ର ଉଦାହରଣ ଦେବା ସହ ବର୍ତ୍ତମାନ ଦେଶର ଅର୍ଥନୀତି କୁ ମଧ୍ୟ ଜଣେ ମହିଳା ସୁନ୍ଦର ଭାବେ ସମ୍ଭାଳିଛନ୍ତି ବୋଲି କହି ସଚେତନ ହେବା, ଆର୍ଥିକ ନିୟମ ସମ୍ପର୍କରେ ଅବଗତ ହେବା ଓ ଆବଶ୍ୟକ ହେଲେ ବ୍ୟାଙ୍କର ଓ ଅନ୍ୟ ଆର୍ଥିକ ବିଶାରଦ ମାନଙ୍କ ସହଯୋଗ ନେଇ ନିଜକୁ ସମୃଦ୍ଧ କରିବାକୁ ଅନୁରୋଧ କରିଥିଲେ।ବିଜିନେସ ମ୍ୟାନେଜର ସୂର୍ଯ୍ୟ କାନ୍ତ ମହାରଣା, ଆଇସିଆଇସିଆଇ ବ୍ୟାଙ୍କ ର ଶାଖା ପରିଚାଳକ ଦେବବ୍ରତ ଆଚାର୍ଯ୍ୟ,ରିଜିଓନାଲ ମ୍ୟାନେଜର ସୌରଭ ମିଶ୍ର ଆର୍ଥିକ ଅନ୍ତର୍ଭୁକ୍ତି,ନେଣ ଦେଣ,ବ୍ୟାଙ୍କ ଋଣ,ଆର୍ଥିକ ନିୟମ, ସାଇବର ସୁରକ୍ଷା ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ରମ, ଚନ୍ଦ୍ରପ୍ରଭା ଦେବୀ, ଆକ୍ସନଏଡ ସଂଗଠନ ର ଜିଲ୍ଲା ସଂଯୋଜକ ରଞ୍ଜିତା ଦାଶ ପ୍ରମୁଖ ଯୋଗ ଦେଇ ମହିଳା ମାନଙ୍କ ସମୃଦ୍ଧି, ସୁରକ୍ଷା, ବାଲ୍ୟ ବିବାହ ଆଇନ, ମହିଳା ଓ ଶିଶୁ ଚାଲଣ, ଘରୋଇ ହିଂସା ଆଇନ, ଶିଶୁ ଶ୍ରମ ଆଇନ ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳା ରେ ସିଡିପିଓ ଗୀତାଞ୍ଜଳି ନାୟକ, ସମାଜସେବୀ ବାବୁଲି ପଟ୍ଟନାୟକ, ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ,ସ୍ୱାଧାର ଗୃହ, ନିଳାଚଳ ସେବା ପ୍ରତିଷ୍ଠାନ , ଆଭା ଅନୁଷ୍ଠାନ, ମିଶନ ଶକ୍ତି ସଦସ୍ୟା,ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନବାଡି କର୍ମୀ ପ୍ରମୁଖ ଯୋଗ ଦେଇଥିଲେ।

# ଅସହାୟ ପରିବାର କୁ ସାହାର୍ଯ୍ୟ ର ହାତ ବଢାଇଲେ ଅସହାୟ ସହାୟତା କମିଟି

**ଆଠମଲ୍ଲିକ,(ନି.ପ୍ର) :** ଅନୁଗୋଳ ଜିଲ୍ଲା କିଶୋର ନଗର ବ୍ଲକ ନୁନୁକାପଶି ଗ୍ରାମ ପଞ୍ଚାୟତ ର ସରଧାମୁଣ୍ଡା ଗ୍ରାମର ଅସହାୟ ପରିବାରକୁ ଅସହାୟ ସହାୟତା



କମିଟି ପକ୍ଷରୁ କିଛି ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା । ତାଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି । ଖୀରେନ୍ଦ୍ର ମୋହନ ଦେହୁରୀ, ମନୋଜ କୁମାର ମହାପାତ୍ର, ଦିପକ କୁମାର ସାହୁ, ସୁବାଷ ସାହୁ, ପ୍ରଦୀପ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

# ବିଜୁ ଜୟନ୍ତୀ ଅବସରରେ ବ୍ଲକ ବିଜେଡି ପକ୍ଷରୁ ରକ୍ତଦାନ ଶିବିର

**ଶେରଗଡ,(ନି.ପ୍ର) :** ମହାନ ଜନନାୟକ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଅବସରରେ ଆଜି ଶେରଗଡ ବ୍ଲକ ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିର ଅଲାରିଗଡ ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଯୁବ ସମାଜସେବୀ ସନ୍ତୋଷ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର କୁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଏବଂ ମାନ୍ୟବର ବିଧାୟକ ଙ୍କ ପ୍ରତିନିଧି ଦିଗାମ୍ବର ନାହାକ ମିଳିତ ଭାବେ ଉଦଘାଟନ କରି ଆଜିର ଯୁବପୀଢି ରକ୍ତଦାନ କରି ଲୋକଙ୍କ ଜୀବନ ବଞ୍ଚାଇବା ଲାଗି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ବ୍ରହ୍ମପୁର ବ୍ଲଡ ବ୍ୟାଙ୍କ ପକ୍ଷରୁ ଡକ୍ଟର ଚିନ୍ମୟ ସ୍ୱାଇଁ ଙ୍କ ନେତୃତ୍ୱରେ ଏକ ୭ ଜଣିଆ ଦଳ ଏହି ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରି ୧୦୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଅନ୍ୟ



ମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଶରତ ପାତ୍ର, ମାନ୍ୟବର ବିଧାୟକ ଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର,ବିଧାୟକ ଙ୍କ ହିଞ୍ଜିଳି ମୁନିସିପାଲିଟି ପ୍ରତିନିଧି ପ୍ୟାରୀମୋହନ ପାଢୀ,ବ୍ଲକ ଉପାଧକ୍ଷା ଙ୍କ ପ୍ରତିନିଧି କାହ୍ନୁଚରଣ ପଟ୍ଟନାୟକ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପୂର୍ବତନ ସରପଞ୍ଚ ସିମାଞ୍ଚଳ ପ୍ରଧାନ,ବରିଷ୍ଠ ନେତା ହୀନ ବେହେରା,ଆସିକା ଚିନି ଶିଳ୍ପ ପରିଚାଳନା ବୋର୍ଡର ନିର୍ଦ୍ଦେଶକ ଶତୃଘ୍ନ ଭୂୟାଁ ଉପସ୍ଥିତ ରହି ରକ୍ତ ଦାତା ଙ୍କୁ ଉତ୍ସାହିତ କରିଥିବା ବେଳେ ମଣ୍ଟୁ ପଟ୍ଟନାୟକ, ଶିବରାମ ଭୂୟାଁ,ସଞ୍ଜୟ ସ୍ୱାଇଁ,କୁନା ଜେନା, ସାଗର ବିଷୋୟୀ, ବିପ୍ଳବ ସେଠି, ପ୍ରତାପ କେଶରୀ ସ୍ୱାଇଁ,ଆକାଶ ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନା କରି ରକ୍ତ ଦାତା ଙ୍କୁ ଉତ୍ସାହିତ କରିଥିଲେ।

# କୁହୁଡ଼ି ବିଜେଡି କାର୍ଯ୍ୟାଳୟରେ ବିଜୁ ଜୟନ୍ତୀ



**କୁହୁଡ଼ି, (ନି.ପ୍ର) :**ପ୍ରବାହ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମ ଜୟନ୍ତୀ ଉତ୍ସବ ସାରା ଓଡ଼ିଶାରେ ପାଳିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡି ବିଜେଡି କାର୍ଯ୍ୟାଳୟରେ ବାସୁଦେବ ବିଶ୍ୱାଳଙ୍କ ସଭାପତିତ୍ୱରେ ବିଜୁ ଜନ୍ମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳ ବିକାଶ ହେଲେ ଦେଶର ବିକାଶ ସମ୍ଭବ ଯାହା ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ୱପ୍ନ ଥିଲା ତାଙ୍କ ସମୟର ତ୍ରିସ୍ତରୀୟ ପଂଚାୟତରାଜ ବ୍ୟବସ୍ଥା ଆରମ୍ଭ ହୋଇ ଥିବା ବେଳେ ମହିଳାଙ୍କୁ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଥିଲା ବୋଲି ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ଜେନା ମତପ୍ରକାଶ କରିଥିଲେ । ଏହି ଅବସରରେ ପୂର୍ବତନ ଟାଙ୍ଗୀ ବ୍ଲକ ଅଧକ୍ଷ ଅଶୋକ ବେହେରା, ପୂର୍ବତନ ସରପଞ୍ଚ ବିପିନ ଉଦୟ ସିଂହ, କେଲୁ ପ୍ରଧାନ, ନିରଞ୍ଜନ ଜେନା, ଦିଲ୍ଲୀପ ଇନ୍ଦ୍ରଜିତ, ଦୀନବନ୍ଧୁ ଜେନା ଓ ବସନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ମାନ୍ୟବର ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗୀୟ ମନ୍ତ୍ରୀଙ୍କର ଜିଲ୍ଲା ଉନ୍ନୟନ ସମ୍ପର୍କିତ ସମୀକ୍ଷା ବୈଠକ

## ସମନ୍ୱୟ ରକ୍ଷାକରି ସମସ୍ୟା ଗୁଡିକର ସରଳ ସମାଧାନ କରି କାର୍ଯ୍ୟ ସଂପାଦନ କଲେ ଜିଲ୍ଲାର ବିକାଶ ସହ ସୁନାମ ହେବ

**ଛତ୍ରପୁର,(ନି.ପ୍ର) :** ଜିଲ୍ଲା ଗ୍ରାମ୍ୟ ଉନ୍ନୟ.ନ ସଂସ୍ଥା ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଗୁରୁବାର ଦିନ ଓଡିଶାର ମାନ୍ୟବର ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗୀୟ ମନ୍ତ୍ରୀ ତଥା ଗଞ୍ଜାମ ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଶ୍ରଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ ଜିଲ୍ଲାର ଉନ୍ନୟନ ସମ୍ପର୍କିତ କିଛି ବିଭାଗର ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର , ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, କବି ସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ମଞ୍ଚାସୀନ ଥିବା ବେଳେ ଗଞ୍ଜାମ ଜିଲ୍ଲାର ସମସ୍ତ ବିଭାଗର ବିଭାଗମୁଖ୍ୟ ଗଣ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଭାରୀ ତଥା ମନ୍ତ୍ରୀ ଶ୍ରୀଯୁକ୍ତ ହରିଚନ୍ଦନ ନିଜ ବକ୍ତବ୍ୟରେ ସମସ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେଯେ, ଜିଲ୍ଲାର ଉନ୍ନତିକଳ୍ପେ ଯାହା କାର୍ଯ୍ୟ ହେଉଛି ସେଗୁଡିକୁ ସ୍ଥାନୀୟ ବିଧାୟକଗଣଙ୍କ ପରାମର୍ଶ କ୍ରମେ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତାକୁ ପ୍ରାଥମିକତା ଭିତ୍ତିରେ ଗୋଟିଏ ଟିମ୍ ଭାବେ କାମ କଲେ କୋଉଠି କେମିତି ସମସ୍ୟା ରହୁଛି ତାହା ତର୍ଜମା କରି ସେଗୁଡିକର ସରଳ ସମାଧାନ ହୋଇ ଉନ୍ନୟନ କାର୍ଯ୍ୟର ସୁସମ୍ପାଦନ ହୋଇ ଜିଲ୍ଲା ଆଗକୁ ବଢିବ ଏବଂ ଜିଲ୍ଲାର ସୁନାମ ହେବ । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ପଞ୍ଚାୟତିରାଜ ବିଭାଗ, ଓରମାସ୍, ଖାଉଟି ଓ ଖାଦ୍ୟ ଯୋଗାଣ, ଜଙ୍ଗଲ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ରାସ୍ତା ଓ କୋଠାବାଡି ବିଭାଗ, କ୍ଷୁଦ୍ର ଜଳ ସେଚନ ବିଭାଗ ଗୁଡିକର ସମୀକ୍ଷା କରିଥିଲେ । ଆସନ୍ତା ଜୁନ୍ ମାସ ଶେଷ ସପ୍ତାହରେ ପୁନର୍ବାର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ଜଣାଇଥିଲେ । ବର୍ତ୍ତମାନ ଏଥି ସକାଶେ କାର୍ଯ୍ୟଧାରା କଣ ଚାଲିଛି ଏବଂ ସେଗୁଡିକର ସ୍ଥିତି କଣ ଜାଣିବାକୁ ଚାହୁଁଥିଲେ । ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସମୀକ୍ଷା କରି ଅବଗତ ହେଲେଯେ, ଆସନ୍ତା ଡିସେମ୍ବର ଦୁଇହଜାର ପଚିଶି ସୁଦ୍ଧା ମେଗା ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜଳ ଯୋଗା ବ୍ୟବସ୍ଥାର ସମୀକ୍ଷା କରି ବିଧାୟକ ମାନଙ୍କ ଠାରୁ ଜଳ ଯୋଗାଣ ବ୍ୟବସ୍ଥାର ବର୍ତ୍ତମାନ ଠାରୁ ପାନୀୟ ଜଳର ଅଭାବକୁ ପୂରଣ କରିବା ନେଇ ଯେଉଁ ସ୍ଥାନରେ ନଳକୂପ ଅଚଳ ରହିଛି ଏବଂ ବର୍ତ୍ତମାନ ନଳକୂପ ଗୁଡିକର ସ୍ଥିତି କଣ, ନଳକୂପ ଅଚଳର କାରଣ ତଥା ମୋଟର ପୋଡିଯିବା ଇତ୍ୟାଦିର ତଦାରଖ କରି ବୈଷୟିକ ଜ୍ଞାନ କୌଶଳ କଣ ରହିବା ଆବଶ୍ୟକ ସେଗୁଡିକୁ ଦୃଷ୍ଟିରେ ରଖି ମରାମତି କରାଗଲେ ଭବିଷ୍ୟତରେ ଦେଖା ଦେଉଥିବା ସମସ୍ୟାର ସମାଧାନ ହେବ ଓ ଲୋକଙ୍କ ଜଳ ସମସ୍ୟା ଦୂର ହେବ । ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଅବଗତ କରାଇଥିଲେ ଯେ, ନଳକୂପ ଗୁଡିକର ଗଭୀରତା କେତେ ରହିବା କଥା






ଏବଂ ଜଳ ଉଠାଇବା ନିମନ୍ତେ ଆବଶ୍ୟକ ପଡୁଥିବା ମୋଟର ଗୁଡିକର ସଠିକ ଲଗାଯାଉ ଏବଂ ସେଗୁଡିକର ଗ୍ରାମ୍ୟ କମିଟି ଦ୍ୱାରା ସଠିକ ପରିଚାଳନା ଉପରେ ଗୁରୁତ୍ୱ ଦେବାକୁ ଜଣାଇଥିଲେ । ଜଳ କ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଦ୍ୱାରା ଜଳ ଯୋଗାଣ ଏବଂ ଆବଶ୍ୟକ ସ୍ଥଳେ ଅଧିକ ଟ୍ୟାପ୍ ବିନିଯୋଗ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ପ୍ରତି ବ୍ଲକ୍ ରେ ନଳକୂପ ମରାମତି ସାମଗ୍ରୀ ମହଜୁଦ୍ ରଖିବାକୁ କୁହାଯାଇଛି । ଆବଶ୍ୟକ ସ୍ଥଳେ ଜଳ ଯୋଗାଣ ସକାଶେ ମୋବାଇଲ ଭ୍ୟାନ୍ ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଛି । ପଞ୍ଚାୟତି ରାଜ ବିଭାଗର ସମୀକ୍ଷାରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଚୟନ କରି ତାଲିକା ପ୍ରସ୍ତୁତ କରି ସେଗୁଡିକ ସର୍ବସାଧାରଣରେ ପ୍ରକାଶ କରିବାକୁ ମତ ଦିଆଯାଇଛି । ଏହାରି ଫଳରେ ସର୍ବ ସାଧାରଣ ଅବଗତ ହୋଇପାରିବେ ଏବଂ କିଛି ଅନିୟମିତତା ରହିଥିଲେ ସେଗୁଡିକର ସଂଶୋଧନ ହୋଇ ପାରିବ ବୋଲି ମତ ରଖିଥିଲେ । ବର୍ତ୍ତମାନ ସୁଦ୍ଧା ନୂତନ ଭାବେ ପ୍ରଧାନମନ୍ତ୍ରୀ ଆବାସ ସକାଶେ ଶତାଅସୀ ହଜାର ଆବେଦନ ସର୍ଭେରେ ଚାଲିଛି । ଚଳିତ ମାର୍ଚ୍ଚ ମାସ ଏକତିରିଶି ତାରିଖ ସୁଦ୍ଧା ଏହି ଯୋଜନାରେ ଗୃହ ପାଇବା ପାଇଁ ହିତାଧିକାରୀଗଣ ଆବେଦନ କରିପାରିବେ । ଗ୍ରାମ ସଭା, ପଲ୍ଲୀ ସଭାରେ ସଠିକ ତଦନ୍ତ କରି ସ୍ୱଚ୍ଛତାର ସହିତ କରାଗଲେ ସଠିକ୍ ହିତାଧିକାରୀଙ୍କର ପକ୍କାଘର ହୋଇପାରିବ । ଆଗାମୀ ତିନି ଚାରି ବର୍ଷ ମଧ୍ୟରେ ସମସ୍ତଙ୍କ ପାଇଁ ପକ୍କା ଘର ହେବ । କେଉଁ ଠାରେ ମଧ୍ୟ କଚ୍ଚା ଘର ରହିବ ନାହିଁ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପଞ୍ଚାୟତ ବିଭାଗର ପ୍ରତିଟି ନିର୍ଦ୍ଦେଶ ଗୁଡିକ ଲୋକ ପ୍ରତିନିଧିଙ୍କୁ ଅବଗତ କରାଇବା ସହିତ ସର୍ବ ସାଧାରଣଙ୍କ ଅବଗତି ସକାଶେ ପଞ୍ଚାୟତ କାନ୍ଥରେ ଦର୍ଶାଇବାକୁ ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷାରେ ପ୍ରଧାନ ମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନରେ ଗଞ୍ଜାମ ଜିଲ୍ଲାରେ୍ ଚାରି ହଜାର ତେର ଜଣ ଯକ୍ଷ୍ମା ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରି ବୟାଳିଶି ହଜାର ଛ ଶହ ବାସ୍ତରୀ କିଟ୍ ପ୍ରଦାନ କରାଯାଇ ଭାରତରେ ଶ୍ରେଷ୍ଠ ସ୍ଥାନ ଓ ଓଡିଶାରେ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଥିବା ଜଣା ପଡିଛି । ଏହି ଭଳି ଅନେକ କାର୍ଯ୍ୟରେ ଗଞ୍ଜାମ ସୁନାମ ଅର୍ଜନ କରିଥିବା ଜିଲ୍ଲା ମୁଖ୍ଯ ଚିକିତ୍ସା ଅଧିକାରୀ ଅବଗତ କରାଇଥିଲେ । ଚିକିଟି ବିଧାୟକ ଦ୍ୟାନ ସାମନ୍ତରାୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ, ଗଞ୍ଜାମ ଜଚିଲ୍ଲାରେ ସତତିରିଶି ପ୍ରତିଶତ କନିଷ୍ଠ ଯନ୍ତ୍ରୀ ରହିଛନ୍ତି । ଜଣେଜଣେ କନିଷ୍ଠ ଯନ୍ତ୍ରୀ ଅନେକ ଦାୟୀତ୍ୱରେ ରହିଥିବା ହେତୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏହି ଦିଗରେ ସରକାରଙ୍କ ଠାରେ ଦୃଷ୍ଟି ଆକର୍ଷଣ କରିବାକୁ ଜଣାଇଥିଲେ । ସମସ୍ତ ବ୍ଲକ୍ ହେଡକ୍‌ହାର୍ଟର ଗୁଡିକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସହକାରୀ ଯନ୍ତ୍ରୀ ମାନଙ୍କ ରହିବା ସକାଶେ କ୍ୱାର୍ଟର ବ୍ୟବସ୍ଥା କରାଗଲେ କାର୍ଯ୍ୟ ଶୈଳୀର ସୁବିଧା ଆସିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅବଗତ କରାଇଥିଲେ । ଦିଗପହଣ୍ଡି ବିଧାୟକ ଶ୍ରୀ ମହାପାତ୍ର ଜଣାଇଥିଲେ ଯେ, ଚାଷୀ ମାନଙ୍କୁ ପ୍ରଦାନ କରାଯାଉଥିବା କ୍ଷତିପୂରଣ ରାଶି ବ୍ୟାଙ୍କ ଗୁଡିକ ଚାଷୀ ମାନଙ୍କୁ ପ୍ରଦାନ ନକରି ସ୍ଥଗିତ କରି ରଖୁଛନ୍ତି ଏହି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମତ ଦେଇ ସଂପୃକ୍ତ ବ୍ୟାଙ୍କ ଗୁଡିକ ଠାରୁ ଚାଷୀଙ୍କ ଟଙ୍କା ବାହାର କରି ଅନ୍ୟ ଜାତୀୟ ବ୍ୟାଙ୍କରେ ଜମାଖାତା ଖୋଲି ରଖିବାକୁ ମତ ଦେଇଥିଲେ ।

# ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ଭୁବନେଶ୍ୱର କଳିଙ୍ଗ ସ୍ପୋରଟିଂ ଚାମ୍ପିଅନ

**ଖଣ୍ଡପଡ଼ା,(ନି.ପ୍ର) :** ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ ମିନି ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟ୍ସ ଆସୋସିଏସନ ଆନୁକୁଲ୍ୟରେ ଆୟୋଜିତ ୬ଷ୍ଠ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଆଜି କଟକ ଯୁବଜ୍ୟୋତି କ୍ଲବ୍ ଏବଂ ଭୁବନେଶ୍ୱର କଳିଙ୍ଗ ସ୍ପୋରଟିଂ କ୍ଲବ୍ ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର କଳିଙ୍ଗ ସ୍ପୋରଟିଂ କ୍ଲବ୍ ୭-୬ ଗୋଲରେ କଟକ ଯୁବଜ୍ୟୋତି କ୍ଲବକୁ ପରାସ୍ତ କରି ଚଳିତ ବର୍ଷର ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି। ଆଜିର ଫାଇନାଲ ମ୍ୟାଚ ଅତ୍ୟନ୍ତ ଚିତ୍ତାକର୍ଷକ ଥିବାବେଳେ ଶେଷ ମୁହୂର୍ତ୍ତ ସୁଦ୍ଧା ଉଭୟ ଦଳ ମଧ୍ୟରେ ୨-୨ ଗୋଲରେ ବରାବର ରହିଥିଲା। ତେଣୁ ଫଳାଫଳ ନିର୍ଦ୍ଧାରଣ ନିମନ୍ତେ ପରବର୍ତ୍ତୀ ମୁହୂର୍ତ୍ତରେ ଟ୍ରାଇବେକରର ସହାୟତା ନିଆଯାଇଥିଲା। ପ୍ରଥମ ୫ଟି ସୁଯୋଗରେ ଉଭୟ ଦଳ ମଧ୍ୟ ପୁନର୍ବାର ବରାବର ରହିଥିଲେ। ତେଣୁ ସଡନ୍ ଡେଥ ପ୍ରକ୍ରିୟାରେ ଉଭୟ ଦଳଙ୍କୁ ଆହୁରି ୪ଟି ସୁଯୋଗ ମିଳିଥିଲା। ପରିଶେଷରେ ନବମ ସୁଯୋଗରେ ଭୁବନେଶ୍ୱର ୭-୬ ଗୋଲରେ କଟକକୁ ପରାସ୍ତ କରି ଚଳିତବର୍ଷର ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି। ମୁଖ୍ୟ ରେଫରୀ ଭାବେ ରାଜୁ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ ବେହେରା ଏବଂ ପ୍ରସନ୍ନ କୁମାର ନାୟକ ଲାଇନରେ ସହାୟତା କରିଥିଲେ। ଏଥିସହ କ୍ରୀଡ଼ା ଶିକ୍ଷକ ସମୀର ଖୁଣ୍ଟିଆ ୪ର୍ଥ ରିଫରି ଭାବେ କାର୍ଯ୍ୟ ତୁଲାଇଥିଲେ। ବରିଷ୍ଠ କଥାକାର ନିରଦ ଚନ୍ଦ୍ର ଆର୍ଯ୍ୟ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍ୱର୍ଗତ ମହେନ୍ଦ୍ର ସ୍ୱାଇଁଙ୍କ ସୁପୁତ୍ର ତଥା ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ଆଜିର ଫାଇନାଲ ମ୍ୟାଚରେ ଅତିଥି ଭାବେ ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିସ୍ମୃତ ତ୍ରିପାଠୀ, ବିଶିଷ୍ଟ ସାହିତ୍ୟିକ ଭାରତୀ ଭୂଷଣ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷା ସୀତା ସ୍ୱାଇଁ, ଜିଲ୍ଲାପରିଷଦ ସଦସ୍ୟା ଉଜ୍ଜଳ ମହାରଣା, ବରିଷ୍ଠ ନାଗରିକ ଫୋରମ ସଭାପତି ଅଖିଳ ମହାରଣା, ସମାଜସେବୀ ଭୋଳାନାଥ ମହାନ୍ତି, ଭାପୁର ବ୍ଲକ ପୂର୍ବତନ ଅଧକ୍ଷ ଗୟାଧର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଖେଳାଳି ଓ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ।




ସେହିପରି ଆଜିର ବିଶେଷ ଆକର୍ଷଣ ଭାବେ ସିନେ କଳାକାର ପୁପିନ୍ଦର ସିଂହ ଯୋଗଦେଇଥିବା ବେଳେ ଚିଅର ଗାର୍ଲଙ୍କ ନୃତ୍ୟରେ ଦର୍ଶକ ଝୁମିଥିଲେ। ଶେଷରେ ଭୁବନେଶ୍ୱର ଦଳକୁ ଚମ୍ପିୟାନ ଟ୍ରଫି ସହ ନାଗତ ଅର୍ଥରାଶି ଏବଂ କଟକ ଦଳକୁ ରନରସପ୍ ଟ୍ରଫି ସହ ନଗତ ଅର୍ଥରାଶି ପ୍ରଦାନ ପୂର୍ବକ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଆଜି ଫାଇନାଲ ମ୍ୟାଚ ଦେଖିବାକୁ ମଧୁବନ ମିନି ଷ୍ଟାଡିୟମ ପରିସରରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଓ କ୍ରୀଡ଼ା ପ୍ରେମୀଙ୍କ ସମାଗମ ହୋଇଥିଲା। ଆୟୋଜକ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନର ମୁଖ୍ୟ ତଥା କ୍ରୀଡ଼ାବିତ୍ ଭିକାରୀ ଖଣ୍ଡାୟତଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଛତିଆ ରାଜଦୋଳ ମେଳନ-୨୦୨୫

**ବଡ଼ଚଣା,(ନି.ପ୍ର):** ପ୍ରତିବର୍ଷ ପରି ଚଳିତ ବର୍ଷ ଛତିଆ ରାଜ ଦୋଳ ମହୋତ୍ସବ ତା ୬-୩-୨୫ ଠାରୁ ୧୦-୩-୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।ଏଥିରେ ହସ୍ତ ଶିଳ୍ପ ବିଭାଗ ପକ୍ଷରୁ ୮୦ ଗୋଟି ଷ୍ଟଲ ହେବା ସହ ୨୦ ଗୋଟି ଜିଲ୍ଲାରୁ ମୋଟ ୧୨୦ ଜଣ ହସ୍ତ ଶିଳ୍ପ କାରିଗର ଯୋଗ ଦେବେ।ଏହି ମେଳାକୁ ସମ୍ମାନୀୟ ବିଧାୟକ ବଡ଼ଚଣା ଆସନ୍ତା ତା ୨-୩-୨୫ ରିଖ ମଧ୍ୟରେ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏବର୍ଷ ଖୁବ୍ ଭଲ ବ୍ୟବସାୟ




କରିବାକୁ ଆଶା ରଖାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ର ବ୍ୟାପକ ବ୍ୟବସ୍ଥା ମହୋତ୍ସବ କମିଟି ପକ୍ଷରୁ କରାଯାଇଛି।ଏହି ହସ୍ତ ଶିଳ୍ପ ପ୍ରଦର୍ଶନୀ ଓଡ଼ିଶା ସରକାରଙ୍କ ହସ୍ତ ତନ୍ତ,ବୟନ, ଓ ହସ୍ତ ଶିଳ୍ପ ବିଭାଗ ପକ୍ଷରୁ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ଆନୁକୁଲ୍ୟରେ ଅନୁଷ୍ଠିତ ହେଉଅଛି।ଏଥି ସହିତ ପୁସ୍ତକ ପ୍ରଦର୍ଶନୀ, କୃଷି ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେଉଛି। ସାମ୍ବାଦିକ ସମ୍ମିଳନୀରେ ଆବାହକ ଓଡ଼ିଶା ସରକାରଙ୍କ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ ଯାଜପୁର ଜିଲ୍ଲା ଶ୍ରୀ ପ୍ରକାଶ ଚନ୍ଦ୍ର ମହାନ୍ତି, ସରପଂଚ ରମେଶ ଚନ୍ଦ୍ର ପୃଷ୍ଟି,, ଗଣ ଜାତୀୟ ପୁରସ୍କାର ପ୍ରାପ୍ତ ଶିଳ୍ପୀ ମହେଶ୍ୱର ଓଝା, ସମିତି ସଭ୍ୟ।ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ କୁମାର୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡ଼ା ଆସିବେ ସାରଥି ବାବା

**କେନ୍ଦ୍ରାପଡ଼ା,(ନି.ପ୍ର) :** ବିବାଦୀୟ ବାବା ସାରଥିଙ୍କୁ କେନ୍ଦ୍ରାପଡ଼ା ଆସିବାକୁ ବାରଣ ରହିଥିଲା। ଅଦାଲତର କାଠଗଡାରେ ଠିଆ ହୋଇଥିବା ବହୁ ଚର୍ଚ୍ଚିତ ସାରଥିବାବା କେନ୍ଦ୍ରାପଡା ଫେରିବେ ସେ ନେଇ ତାଙ୍କ ଶ୍ରଦ୍ଧାଳୁଙ୍କ ଭିତରେ କଳ୍ପନାଜଳ୍ପନା ପ୍ରକାଶ ପାଉଥିଲା । କେନ୍ଦ୍ରାପଡା ଆସି ସତ୍‌ସଙ୍ଗ କରିବା ପାଇଁ ଆଇନର ସହାୟତା ମିଳିବା ନେଇ ବିଫଳ ହୋଇଥିବା ବାବା ସାରଥି ଓରଫ ସନ୍ତୋଷ ରାଉଳ କର୍କଟ ରୋଗରେ ପୀଡିତ ତାଙ୍କ ବଡଭାଇ ଦେବ ରାଉଳଙ୍କୁ ଦେଖିବା ପାଇଁ କେନ୍ଦ୍ରାପଡା ଆସିବେ ବୋଲି କେନ୍ଦ୍ରାପଡାରେ ଚର୍ଚ୍ଚା ଚାଲିଛି । କେନ୍ଦ୍ରାପଡାକୁ ଆସିବାକୁ ତାଙ୍କୁ ଅଦାଲତ ସର୍ତ୍ତମୂଳକ ଅନୁମତି ଦେଇଥିବା ସୂଚନା ମିଳିଛି । ସେହି ସର୍ତ୍ତଗୁଡିକ ମଧ୍ୟରେ ସେ କେନ୍ଦ୍ରାପଡା ଆସିବାର ୭ଦିନ ପୂର୍ବରୁ ଯେଉଁ ଅଞ୍ଚଳକୁ ଆସିବେ ସେହି ଅଞ୍ଚଳର ଥାନାଅଧିକାରୀଙ୍କୁ ଏସମ୍ପର୍କରେ



ଜଣାଇବେ, କେନ୍ଦ୍ରାପଡାରେ କୌଣସି ପ୍ରବଚନ ଦେଇପାରିବେ ନାହିଁ କି ସାରଥୀ ଆଶ୍ରମ ପରିସରକୁ ପଶି ପାରିବେ ନାହିଁ ଓ ସକାଳ ୫ଟାରେ କେନ୍ଦ୍ରାପଡା ଆସି ସନ୍ଧ୍ୟା ୫ଟା ଭିତରେ ଏଠାରୁ ଫେରିଯିବେ ବୋଲି ତାଙ୍କ ଉପରେ ଅଦାଲତ ସର୍ତ୍ତ ଆରୋପ କରିଥିବା ସୂଚନା ମିଳିଛି। ତେବେ ତାଙ୍କ ଆଗମନକୁ ନେଇ ଜିଲ୍ଲାରେ ବିଶେଷ ପ୍ରତିକ୍ରିୟା ସୃଷ୍ଟି ହୋଇନଥିବା ବେଳେ କେତେକ ସମର୍ଥକଙ୍କ ମନରେ ଉତ୍କଣ୍ଠା ଜାତ ହୋଇଛି। ବିରୋଧୀମାନେ ସାରଥିଙ୍କ ଆଗମନକୁ ପସନ୍ଦ କରୁନାହାନ୍ତି । ଭାଇଙ୍କୁ ଦେଖାକରିବାକୁ ସାରଥିବାବା ଆସିପାରନ୍ତି କିନ୍ତୁ କେନ୍ଦ୍ରାପଡାରେ କୌଣସି ପ୍ରବଚନ ବା ସତସଙ୍ଗ କାର୍ଯ୍ୟକ୍ରମ କଲେ ଏହାକୁ ବିରୋଧ କରାଯିବ ବୋଲି ଶୁଣାଯାଉଛି । ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡା ବାରିମୂଳସ୍ଥିତ ଆଶ୍ରମରେ ଦୀର୍ଘଦିନଧରି ସାରଥିବାବା ସତ୍‌ସଙ୍ଗ କରିଆସୁଥିଲେ। କିନ୍ତୁ କେତେକ ଶ୍ରଦ୍ଧାଳୁ ସାରଥିଙ୍କ ବିରୋଧରେ ଆଇନର ଆଶ୍ରୟ ନେବା ପରେ ଅଗଷ୍ଟ ମାସ ୨୦୧୫ରେ କ୍ରାଇମ୍ ବ୍ରାଞ୍ଚ୍ ତାଙ୍କୁ ଗିରଫ କରିଥିଲେ। ଏଥିରୁ ମୁକୁଳିବା ପାଇଁ ସନ୍ତୋଷ ରାଉଳ ଓରଫ ସାରଥିବାବା ଆଇନର ଆଶ୍ରୟ ନେଇଥିଲେ। ଅଦାଲତ ତାଙ୍କ ରାୟ ଦେଇଥିଲେ ଯେ ୨ଶହ ସମର୍ଥକଙ୍କ ସହିତ ସେ ସତ୍‌ସଙ୍ଗ କରିପାରିବେ। କିନ୍ତୁ କେନ୍ଦ୍ରାପଡାକୁ ସେ ପ୍ରବେଶ କରିପାରିବେ ନାହିଁ । ରୋଗଗ୍ରସ୍ତ ଭାଇଙ୍କୁ ଦେଖିବା ପାଇଁ ସାରଥି କେନ୍ଦ୍ରାପଡା ଆସି ପାରନ୍ତି। ହେଲେ କେବେ ସେ ଆସିବେ ତାହାର କୌଣସି ସୂଚନା ମିଳିପାରି ନାହିଁ।

### ଅସହିଷ୍ଣୁତାରେ ସରକାର ବସ୍ ରଙ୍ଗ ବଦଳାଇଦେବେ

# ବିଜୁବାବୁଙ୍କ ବିଚାର ଓ ନୀତିକୁ କ'ଣ କରିବେ : ବିଧାୟକ

ଟ।ଙ୍ଗ1 - **ଚୌଦ୍ୱାର,(ନି.ପ୍ର) :** ସାରା ଓଡ଼ିଶାରେ ବିଜେଡି ତରଫରୁ ଆଜି ପଂଚାୟତ ଦିବସ ସହିତ ବିଜବାବୁଙ୍କ ୧୦୯ତମ ଜୟନ୍ତୀ ପାଳନ କରୁଥିବା




ସମୟରେ ବର୍ତମାନର ସରକାର ଏହି ଦିବସରେ ଅସହିଷ୍ଣୁତାର ଉଦ୍ଧାରଣ ସାଜିଛନ୍ତି ବୋଲି ଚୌଦ୍ୱାର କଟକ ବିଧାୟକ ମାନ୍ୟବର ଶ୍ରୌକ ବିଶ୍ୱାଳ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି, ଚୌଦ୍ୱାର ବ୍ୟାରେଜ ନିକଟରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା, ଏହି ଅବସରରେ ଶ୍ରୀ ବିଶ୍ୱାଳ ଅନ୍ୟାନ୍ୟ କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ,ଆଜିର ଦିନକୁ ସରକାରୀ ଛୁଟି ଦିବସ କୁ ବିଜେପି ସରକାର ବାତିଲ କରିବା ସହିତ ବିଜୁପ୍ରେମୀ ମାନଙ୍କୁ ଆଘାତ ଦେଇଛି ବୋଲି ଉପନଗରପାଳ ଶୁବେନ୍ଦୁ ସାମଲ ବିଶୋଦଗାର କରିଥିଲେ, ଏହାସହିତ ଆଗାମୀ ଦିନରେ ବିଜେଡି ଜବାବ ରଖିବ ବୋଲି ପ୍ରକାଶ କରିଥିଲେ,ବିଜେଡି ଦଳର ବରିଷ୍ଠ ନେତା ପ୍ରେମଚାନ୍ଦ ନାୟକ ନେତୃତ୍ୱ ରେ ତଥା ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ନଗରପାଳ ମାନସୀ ସ୍ୱର୍ଣପ୍ରଭା ସାମଲ, ଉପ ନଗରପାଳ ସୁଭେନ୍ଦୁ ସାମଲ, ପାରିଷଦ ଅଜୟ ବେହେରା, ଦିଲୀପ ସାହୁ, ବିଜୟ ମଲ୍ଲିକ,ଆଶୁତୋଷ ଦାସ ସମେତ ବହୁ ବିଜୁପ୍ରେମୀ କର୍ମୀ ଉପସ୍ଥିତ ଥିଲେ ଏହାସହିତ ଚୌଦ୍ୱାର ର ଅନ୍ୟାନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ବିଜୁବାବୁଙ୍କ ନାହିଁ ବିକଳ୍ପ,ବିଜୁ ପଟ୍ଟନାୟକଙ୍କ ଆଦର୍ଶର ମୃତ୍ୟୁ ନାହିଁ

**ଖୋର୍ଦ୍ଧା,(ନି.ପ୍ର) :** ମହାନ ଜନନାୟକ ପ୍ରବାଦ ପୁରୁଷ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକ ଓରଫ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଜେଡି ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱ ରେ ବିଜୁ ଯୁବ ପ୍ରେମୀମାନେ ଏକ ବାଇକ୍ ଶୋଭାଯାତ୍ରା ରେ କରିଥିଲେ । ପରେ ଇଗଲ କ୍ଲବ ଠାରେ ପୂର୍ବତନ ବିଧାୟକ ଶ୍ରୀ ସାହୁ ଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା କରାଯାଇଥିଲା । ଶ୍ରୀ ସାହୁ କହିଥିଲେ ଓଡିଆ ସ୍ୱାଭିମାନ ଓ ସଂକଳ୍ପର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକ । ସେ ଥିଲେ ଓଡିଆଙ୍କ ଗର୍ବ ଏବଂ ଗୌରବ । ନୂଆ ଓଡ଼ିଶା ଗଠନ କରିବାରେ ତାଙ୍କର ଥିଲା ପ୍ରମୁଖ ଭୂମିକା । ସାହସୀ ଓ ନିର୍ଭିକ ବ୍ୟକ୍ତିତ୍ୱ ଭାବେ ପ୍ରତିଟି ଓଡ଼ିଆଙ୍କ ମନରେ ସେ ରହିଛନ୍ତି । ବିଜୁ ବାବୁ କେହି ଚାହିଁଲେ ବି ଓଡିଶା ବାସୀଙ୍କ ମନରୁ ଲିଭାଇପାରିବ ନାହିଁ। ଜିଲ୍ଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ ଯୋଗଦେଇ ନବ ଉତ୍କଳର ଅନ୍ୟତମ ପୁରୋଧା ଥିଲେ ବିଜୁ ବାବୁ । ସେ ଥିଲେ ଓଡିଆ ଜାତିର ସ୍ୱାଭିମାନର ପ୍ରତୀକ । ଏକାଧାରରେ ସେ ଜଣେ ସ୍ୱାଧିନତା ସଂଗ୍ରାମୀ, ଦୁଃସାହସିକ ରାଜନିତିଜ୍ଞ, ଦୁର୍ଦ୍ଧଶ ପାଇଲଟ, ଯୁଗସ୍ରଷ୍ଟା ଓ ଦୂରଦ୍ରଷ୍ଟା ରାଜନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ମାଟିର ବରପୁତ୍ର ତଥା ଝଡ଼ର ଇଗଲ ବିଜୁବାବୁଙ୍କର ଅଭିନବ ଉଦ୍ୟମ, ସାହସ ଏବଂ କ୍ରାନ୍ତିକାରୀ ପଦକ୍ଷେପ ଯୋଗୁଁ ସେ ସମସ୍ତଙ୍କ ମନର ମହାନାୟକ । ତାଙ୍କ ବ୍ୟକ୍ତିତ୍ୱ ଓଡିଶାବାସୀଙ୍କୁ ସବୁବେଳେ ଉଦବୁଦ୍ଧ କରିଆସିଛି, ପ୍ରେରଣା ଯୋଗାଇ ଆସିଛି । ଯାହାକୁ କେହି ବି ଆସିଲେ ଲିଭାଇପାରିବ ନାହିଁ ବୋଲି କହିଥିଲେ । ଏଥିସହିତ ତାଙ୍କ ଉଦ୍ୟମରେ ପାରାଦୀପ ବନ୍ଦର, ହାଲ, ରାଉଲକେଲା ଇସ୍ପାତ କାରାଖାନା, ରିଜିଓନାଲ କଲେଜ ଆଦି ପ୍ରତିଷ୍ଠା ହୋଇଥିଲା ବୋଲି ମତ ଦେବା ସହ ସେ ଇଣ୍ଡୋନେସିଆର ଭୂମିପୁତ୍ର ଉପାଧି ପାଇଥିଲେ ବୋଲି ମତବ୍ୟକ୍ତ କରିଥିଲେ । ବିଜୁ ବାବୁ ତ୍ରିସ୍ତରୀୟ ପଂଚାୟତି ରାଜ ବ୍ୟବସ୍ଥାକୁ ଆରମ୍ଭ କରିଥିଲେ । ମାର୍ଚ୍ଚ ୫ କୁ ବିଜୁ ବାବୁଙ୍କ ଜନ୍ମ ଦିବସ ତଥା ପଂଚାୟତ ରାଜ ଦିବସ ଭାବେ ସାରା ରାଜ୍ୟରେ ପାଳନ ହୋଇ ଆସୁଥିଲା । ମାତ୍ର ଡବଲ ଇଞ୍ଜିନ ସରକାର ଆସିଲା ଦିନ ଠାରୁ ଆଜିର ଦିବସକୁ ପଂଚାୟତ ରାଜ ଦିବସ ଭାବେ ପାଳନ କରୁ ନଥିବାରୁ ଏଥି ନିମନ୍ତେ ସେ କ୍ଷୋଭ ପ୍ରକାଶ କରିଥିଲେ । ସେହିପରି ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନଧାତା ସ୍ୱାଧୀନତା ପରେ ଓଡ଼ିଶାକୁ ଏକ ବିଭବଶାଳୀ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ସ୍ୱପ୍ନ ଦେଖିଥିବା ନେତା ଥିଲେ ବିଜୁ ପଟ୍ଟନାୟକ । ୧୯୬୧ରେ ମାତ୍ର ୪୫ ବର୍ଷ ବୟସରେ ବିଜୁ ପଟ୍ଟନାୟକ ହୋଇଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଆଉ ଆଧୁନିକ ଓଡ଼ିଶା ନିର୍ମାଣର ନିଅଁ ପଡ଼ିଥିଲା ତାଙ୍କରି ହାତରେ। ଓଡ଼ିଶାରେ ମୁଣ୍ଡ ଟେକିଥିଲା ବହୁ ଶିଳ୍ପ, କଳ କାରଖାନା । ଗାଁର ବିକାଶ ସହ ଘରେ ଘରେ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତୀକରଣ ପାଇଁ ତାଙ୍କର ସ୍ୱପ୍ନ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ସମ୍ଭବ ହୋଇଥିବା କହିଥିଲେ। ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, କାଉନ୍ସିଲର ପ୍ରବୀଣା ଜଗଦ୍‌ଦେବ, ଅମୀୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁ ସ୍ମୃତି ଚାରଣ କରିଥିଲେ ।



ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ସରପଂଚ, ସମିତିସଭ୍ୟ, କାଉନସିଲର, ପୂର୍ବତନ କାଉନ୍ସିଲର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଏବଂ ବିଜୁପ୍ରେମୀମାନେ ଯୋଗ ଦେଇଥିଲେ । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଂଟନ କରାଯାଇଥିଲା ।

# ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ପ୍ରଦାନ




**ବେତନଟୀ,(ନି.ପ୍ର) :** ବାଲେଶ୍ୱର ଜିଲ୍ଲା ସ୍ଥିତ ରୋଟାରୀ କ୍ଲବ ପରିସରରେ ରୋଟାରୀ ଇଣ୍ଟରନ୍ୟାସନାଲ ଡିଷ୍ଟ୍ରିକ୍ଟ ଜୋନ ୧-୩୨୬୨-୨୦୨୪-୨୫ ବର୍ଷ ପାଇଁ ବିଭିନ୍ନ କ୍ଷେତ୍ରରେ ନିପୁଣତା ହାସଲ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ମାନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବାଲେଶ୍ୱର ଜିଲ୍ଲା ରୋଟାରୀ ଭବନ ରେ ଆୟୋଜିତ ଏହି ବିଶେଷ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ସମ୍ମାନିତ ଅତିଥି ଭାବେ ପିଡିଜି – ଏ ବି ମହାପାତ୍ର ପିଡିଜି ଶାନ୍ତନୁ କୁମାର ପାଣି ଜୋନାଲ ଚେୟାରମ୍ୟାନ ରୋଟାରିଆନ ଚାଟାର୍ଡ଼ ଆକାଉଣ୍ଟାଣ୍ଟ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ବେତନଟୀ ରୋଟାରୀ କ୍ଲବ ପକ୍ଷରୁ ବିଭିନ୍ନ ବର୍ଗରେ ମନୋନୀତ ଦଶ ଜଣ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଏହି ମଞ୍ଚରେ କ୍ଲବର ବରିଷ୍ଠ ଅତିଥି ମାନେ ସମ୍ମାନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ସମ୍ମାନ ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ ବ୍ୟକ୍ତି ମାନେ ହେଲେ ବରିଷ୍ଠ ନାଗରିକ ବର୍ଗରେ ବେତନଟୀ ସିଭିଲ ସୋସାଇଟି ର ସଭାପତି ଚୂଡ଼ାମଣି ମହାପାତ୍ର ବିଶିଷ୍ଟ ସମାଜସେବି ବର୍ଗରେ ଯୋଗେଶ୍ୱର ମିଶ୍ର ଏବଂ ପୂର୍ବତନ ବେତନଟୀ କଲେଜର ଅଧକ୍ଷ ଡକ୍ଟର ରମାକାନ୍ତ ସିଂହ ଏବଂ ଅବସର ପ୍ରାପ୍ତ ସାମରିକ କର୍ମଚାରୀ ଆକାଶ ବାହିନୀ ଜନାର୍ଦ୍ଦନ ମହାନ୍ତ ପଦାତିକ ବାହିନୀ ରୁ ଦୁର୍ଗାଚରଣ ନାଏକ ତଥା ଉତ୍ତମ ପୋଲିସ ସେବା କ୍ଷେତ୍ରରେ ବେତନଟୀ ପୋଲିସ ଉପଖଣ୍ଡର ଏସଡିପିଓ ମୀନତି ବିଶ୍ୱାଳ ଏବଂ ଗଣମାଧ୍ୟମ କ୍ଷେତ୍ରରେ ଦାୟିତ୍ୱପୂର୍ଣ୍ଣ ଭାବେ କର୍ତ୍ତବ୍ୟ ରତ ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ପ୍ରକାଶ ବେହେରା ଶାନ୍ତନୁ ପଣ୍ଡା ଉଦିତ ପରିଡା ପ୍ରମୁଖଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବେତନଟୀ ରୋଟାରୀ କ୍ଲବ ପକ୍ଷରୁ ଏହି ଉତ୍ସବରେ କ୍ଲବର ସଭାପତି ରୋଟାରିଆନ ଆଡଭୋକେଟ ଭଗୀରଥ ପଣ୍ଡିତ ସଂପାଦକ ଶ୍ୟାମ ପ୍ରସାଦ ମଜୁଆଳ ପୂର୍ବ ସଭାପତି ଶଶି ଶେଖର ପଣ୍ଡା ସଦସ୍ୟ ରୋଟାରିଆନ ସୁନୀଲ କୁମାର ଖଣ୍ଡେଲୱାଲ ରୋଟାରିଆନ ଅରୁଣ କୁମାର ଓତା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳ କରିବାରେ ସହଯୋଗ କରିଥିଲେ। ଏହି ସମ୍ମାନ ପ୍ରଦାନ ଉତ୍ସବରେ ମୋଟ ବାର ଟି ରୋଟାରୀ କ୍ଲବ ର ସଦସ୍ୟ କର୍ମକର୍ତ୍ତା ଓ ସମ୍ବର୍ଦ୍ଧିତ ବ୍ୟକ୍ତି ମାନେ ଯୋଗ ଦେଇଥିଲେ।

# ଗ୍ରୀଷ୍ମପ୍ରବାହ ପ୍ରତିକାର ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା,(ନି.ପ୍ର) :** ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ସ୍ତରୀୟ ଗ୍ରୀଷ୍ମ ପ୍ରବାହ ପ୍ରତିକାର ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବା ନିମନ୍ତେ ଏହି ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ପିଇବା ପାଣି ଟାଙ୍କିର ବ୍ୟବସ୍ଥା କରାଯିବା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ପୌର ପରିଷଦ ନିର୍ବାହୀ ଅଧିକାରୀ ଏବଂ ବିଡିଓମାନେ ଏଥିପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା, ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଜଳଛତ୍ର ଖୋଲିବା ସହ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବାର ବ୍ୟବସ୍ଥା କରିବା, ନାଳ ତଥା କେନାଲରେ ଆବଶ୍ୟକସ୍ଥଳେ ପାଣି ଛାଡିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବିଦ୍ୟାଳୟକୁ ପିଲାମାନେ ସାଙ୍ଗରେ ପାଣି ବୋତଲ ଧରି ଆସିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେବା ସହ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ଗର୍ଭବତୀ ମା' ମାନଙ୍କୁ ସତର୍କତା ଅବଲମ୍ବନ କରିବା, ପରିବହନ ଅଧିକାରୀଙ୍କୁ ଯାତାୟତ ବସରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବିଦ୍ୟୁତ ବିଭାଗକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସହ ଆବଶ୍ୟକସ୍ଥଳେ ବିଦ୍ୟୁତ କାଟ କରିବା ପୂର୍ବରୁ ଡାକବାଜି ଯନ୍ତ୍ର ଯୋଗେ ପ୍ରାକ୍ ସୂଚନା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓ.ଆର.ଏସ. ଏବଂ ଆବଶ୍ୟକୀୟ ଔଷଧ, ସ୍ୱତନ୍ତ୍ର ଅଂଶୁଘାତଜନିତ ୱାର୍ଡ ଏବଂ ଅଂଶୁଘାତଜନିତ ମୃତ୍ୟୁକୁ ତହସିଲଦାର ଏବଂ ମେଡ଼ିକାଲ ଅଫିସରଙ୍କ ମିଳିତ ଅନୁସନ୍ଧାନ ପରେ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ଆସନ୍ତା ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଏକ ଆପାତକାଳୀନ କଣ୍ଟ୍ରୋଲ ରୁମ ପରିଚାଳିତ କରି ଜନସାଧାରଣଙ୍କୁ ଆବଶ୍ୟକ ଅନୁଯାୟୀ ସାହାଯ୍ୟ ଯୋଗାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ନିୟମ ଅନୁଯାୟୀ ସରକାରଙ୍କ ପ୍ରଦତ୍ତ ଗାଇଡଲାଇନ ଅନୁସାରେ ଗଣମାଧ୍ୟମ ସହାୟତାରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସମସ୍ତ ବିଡିଓ ଏବଂ ତହସିଲଦାର, ଡେପୁଟି କଲେକ୍ଟର, କେନ୍ଦ୍ରାପଡା ପୌରପାଳିକା ନିର୍ବାହୀ ଅଧିକାରୀ, ଅଧୀକ୍ଷଣ ଯନ୍ତ୍ରୀ (ରାସ୍ତା ଏବଂ କୋଠାବାଡି, ଜନ ସ୍ୱାସ୍ଥ୍ୟ ବିଭାଜନ, ଗ୍ରାମ୍ୟ ଉନ୍ନୟନ), ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର